ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.149 Bhubaneswar Thursday July 20 2023 | ୨୬ତମ ବର୍ଷ ସଂଖ୍ୟା-୧୪୯ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଜଗତସିଂହପୁର ବିଜେଡି କମିଟିରେ ଏକାଧିକ ଜେଲ୍ ଫେରନ୍ତା ଉପସଭାପତି




ଭୁବନେଶ୍ୱର,୧୯।୭(ପି.ଏନ): ଜଗତସିଂହପୁର ବିଜେଡି ଜିଲ୍ଲା କମିଟି ପୁର୍ନଗଠନରେ ଅପରାଧ ଓ ଅନ୍ୟାନ୍ୟ ମାମଲାରେ ଜେଲ୍ ଫେରନ୍ତା ୨ଜଣ ବ୍ୟକ୍ତିଙ୍କୁ ଉପସଭାପତି ଭାବେ ସାମିଲ କରାଯାଇଛି । ନବନିଯୁକ୍ତ ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନାଙ୍କ ସମେତ ମୋଟ ୧୦୫ଜଣଙ୍କୁ ଏହି କମିଟିରେ ସ୍ଥାନ ମିଳିଥିବାବେଳେ ଗ୍ୟାଙ୍ଗଷ୍ଟର ଟିଟୋ ସହଯୋଗୀ ଜ୍ୟୋତିକାନ୍ତ ପରିଡା ଏବଂ ବିଭିନ୍ନ ମାମଲାରେ ଦୁଇ ଦୁଇଥର ଜେଲ୍ ଯାଇଥିବା ଓ ଦଳରୁ ୨ଥର ବହିଷ୍କୃତ ଅଶ୍ୱିନୀ କୁମାର ଦାସ(କୁନା)ଙ୍କୁ ଯଥାକ୍ରମେ ଉପସଭାପତି ଓ ବରିଷ୍ଠ ଉପସଭାପତି ଭାବେ ସାମିଲ କରାଯାଇଛି । ଯାହାକୁ ନେଇ ଆଜି ଜିଲ୍ଲା ରାଜନୀତି ସରଗରମ ହୋଇଥିବାବେଳେ ପରସ୍ପରକୁ କାଦୁଅଫିଙ୍ଗା ଆରମ୍ଭ ହୋଇଛି । ନବନିଯୁକ୍ତ ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏଭଳି କମିଟି ପାଇଁ ଜିଲ୍ଲାର ପୂର୍ବତନ ଦଳୀୟ ସଭାପତି ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ ଦାୟୀ କରିଥିବାବେଳେ ଦଳ ନିଷ୍ପତ୍ତି ନେଇଛି କହି ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ସେ ପ୍ରୟାସ କରିଛନ୍ତି । ପାରାଦୀପ ବିଧାୟକ ଶ୍ରୀ ରାଉତରାୟ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମୋ ନିର୍ବାଚନମଣ୍ଡଳୀରୁ ଜିଲ୍ଲା କମିଟିରେ କିଏ ରହିବେ ତା'ର ଏକ ତାଲିକା ଦେଇଥିଲି । କିନ୍ତୁ ସେହି ତାଲିକାରେ ଜ୍ୟୋତିକାନ୍ତଙ୍କ ନାଁ ନଥିଲା । ମୁଁ ଦେଇଥିବା ତାଲିକାର ନାଁକୁ କାଟି କିଛି ନୂଆ ନାଁ ଯୋଡା ହୋଇଛି । ଜ୍ୟୋତିକାନ୍ତଙ୍କ ନାଁ କେମିତି ଆସିଲା ସେ ନେଇ ପୂର୍ବତନ ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ ପଚାରିଥିଲି । ସେ ତାଙ୍କ ନାଁ ଦେଇଥିବା ମୋତେ କହିଛନ୍ତି । ତେବେ ଦଳରେ ଏତେ ଲୋକ ଥାଉ ଥାଉ ଏମିତି ଅପରାଧିକ ମାମଲା ଥିବା ବ୍ୟକ୍ତିଙ୍କୁ କାହିଁକି ଦଳୀୟ କର୍ମକର୍ତ୍ତା ଭାବେ ସାମିଲ କରାଗଲା ଓ ତାଙ୍କୁ ପଦବୀ ଦିଆଗଲା ସେଥିପାଇଁ ସେ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି । ଟିଟୋର ସହଯୋଗୀ ଜ୍ୟୋତିକାନ୍ତଙ୍କୁ ୨୦୧୮ ମସିହାରେ ଏସଟିଏଫ ଗିରଫ କରିଥିଲା ।ସେହିପରି ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା କହିଛନ୍ତି ଯେ, ସମସ୍ତ ବିଧାୟକଙ୍କ ସହ କଥା ହୋଇ ଏହି ତାଲିକା କରିଛନ୍ତି, ତାକୁ ଅନୁମୋଦନ କରିବାକୁ କହିଥିଲେ । କିଏ ଅପରାଧିକ ବ୍ୟକ୍ତି କମିଟିରେ ରହିଛି ସେ ଜାଣନ୍ତି ନାହିଁ । ଏହି ତ୍ରୁଟି ସମ୍ପର୍କରେ ସେ ଦଳର ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

## ରାଜଧାନୀରେ ଅବକାରୀ ବିଭାଗର ଚଢାଉ, ଗଂଜେଇ ଜବତ

ଭୁବନେଶ୍ୱର, ୧୯।୭(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଅବକାରୀ ବିଭାଗ ଦ୍ୱାରା ଚଢାଉ କରାଯାଇ ବିପୁଳ ମାତ୍ରାରେ ଗଂଜେଇ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି । ଏହି ମାମଲାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଗୁପ୍ତ ସୂଚନା ଅନୁସାରେ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲ ସମୁଖ ବିଶେଶ୍ୱର ବସ୍ତିରେ ଅବକାରୀ ଟିମ ପକ୍ଷରୁ ଚଢାଉ କରାଯାଇଥିଲା । ଚଢ଼ାଉ ବେଳେ ୨୪ କିଲୋ ଗଂଜେଇ ସହ ୫୦୦୦ ଗଂଜେଇ ସିଗାରେଟ ଜବତ କରା ଯାଇଛି । ଅବକରୀ ଟିମ ଦ୍ୱାରା ଜଣେ ମହିଳା ଗିରଫ କରାଯାଇଛି । ଉଲ୍ଲେଖନୀୟ ଯେ ରାଜଧାନୀରେ ଗତ କିଛି ଦିନ ହେବ ଗଞ୍ଜେଇ ସିଗାରେଟ ପ୍ରବଳ ବିକ୍ରି ହେଉଥିବା ଅବକାରୀ ଟିମ କୁ ସୂଚନା ମିଳିଥିଲା ।

# 'ମୋ ଘର' ଯୋଜନା ଫେଲ୍: ୨ ଲକ୍ଷ ଛୁଇଁଲାନି ଆବେଦନ, ବ୍ୟାଙ୍କ ଦେଉନାହାନ୍ତି ଋଣ



ଭୁବନେଶ୍ୱର,୧୯।୭(ପି.ଏନ):ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ରାମାଂଚଳ ଭୋଟରଙ୍କୁ ଆକୃଷ୍ଟ ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା 'ମୋ ଘର' ଯୋଜନା ଫେଲ୍ ମାରିଛି । ମାସେ ପରେ ବି ଏହି ଗ୍ରାମୀଣ ବାସଗୃହ ଯୋଜନାରେ ଘରଟିଏ ନିର୍ମାଣ କରିବାକୁ ସାଧାରଣ ଗରିବ ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇନି । ଏହି ଯୋଜନାରେ ୪ଲକ୍ଷ ହିତାଧିକାରୀଙ୍କୁ ଗୃହ ନିର୍ମାଣର ସୁଯୋଗ ଦେବା ପାଇଁ ରାଜ୍ୟ ସରକାର ୨୧୫୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିଲେ ମଧ୍ୟ ଅନ୍ୟାନ୍ୟ ଗ୍ରାମୀଣ ବାସଗୃହ ଯୋଜନା ଅନୁରୂପ ଏହା ହୋଇନଥିବାରୁ ଲୋକେ ଏଥିପ୍ରତି ମୁହଁ ମୋଡିବାରେ ଲାଗିଛନ୍ତି । ଆଉ ବ୍ୟାଙ୍କଗୁଡିକ ବି ବିନା ବନ୍ଧକ ଓ ଆବଶ୍ୟକ ଦସ୍ତାବିଜ ବିନା ଗୃହ ଋଣ ଦେବାକୁ ଆଗ୍ରହ ଦେଖାଉନଥିବା ଜଣାପଡିଛି । ଯେଉଁଥିପାଇଁ ଜୁନ୍ ୧୬ତାରିଖରୁ ଏହି ଯୋଜନାରେ ଗୃହ ନିର୍ମାଣ ପାଇଁ ଆବେଦନ ଆରମ୍ଭ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଆବେଦନକାରୀଙ୍କ ସଂଖ୍ୟା ୨ଲକ୍ଷ ଛୁଇଁନଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ମେ' ୨୯ତାରିଖରେ ପଂଚମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ 'ମୋ ଘର' ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲେ । ଜୁନ୍ ୩ ତାରିଖରେ ରାଜ୍ୟ ସରକାର ଏହି କ୍ରେଡିଟ୍ ଲିଙ୍କଡ୍ କ୍ୟାପିଟାଲ ସବସିଡି ଯୋଜନା 'ମୋ ଘର'ର ଗାଇଡଲାଇନ୍ ଜାରି କରିବା ସହ ମାସିକ ୨୫ହଜାର ଟଙ୍କାରୁ କମ୍ ଉପାର୍ଜନ କରୁଥିବା ପରିବାର 'ମୋ ଘର' ପାଇବାକୁ ଯୋଗ୍ୟ ବିବେଚିତ ହେବେ । ବ୍ୟାଙ୍କରେ ଜମି ପଟ୍ଟା ବନ୍ଧକ ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ରାଜ୍ୟ ସରକାର ୪୦ରୁ ୭୦ହଜାର ଟଙ୍କା(ସାଧାରଣ ବର୍ଗ ପାଇଁ ୩୦ରୁ ୬୦ହଜାର ଟଙ୍କା) କ୍ୟାପିଟାଲ ସବସିଡି ଦେବେ ତଥା ଗ୍ରାମାଂଚଳ ଗୃହ ନିର୍ମାଣ ଯୋଜନାରେ ଘରଟିଏ ପାଇନଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ପରିବାରକୁ ଏହି ଘର ମିଳିବ ବୋଲି ଘୋଷଣା କରିଥିଲେ । କିନ୍ତୁ ଏହି ଯୋଜନାରେ ଘର ପାଇବା ନିମନ୍ତେ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ନିୟମ ଓ ସର୍ତ୍ତାବଳୀ ଯୋଗୁ ଗ୍ରାମାଂଚଳର ପ୍ରକୃତ ଗରିବ ଓ ଯୋଗ୍ୟ ହିତାଧିକାରୀ ଏହି କ୍ରେଡିଟ୍ ଲିଙ୍କଡ୍ କ୍ୟାପିଟାଲ ସବସିଡି ଘର ପାଇବାରୁ ବଂଚିତ ହେଉଛନ୍ତି ।

## ଆଗାମୀ ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା

ଭୁବନେଶ୍ୱର, ୧୯।୭(ପି.ଏନ): ଆଗାମୀ ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଲଘୁଚାପ କ୍ଷେତ୍ର ସମ୍ଭାବନା ରହିଛି । ଗତ କାଲିର ଘୁର୍ଣ୍ଣି ବଳୟ ଆଜି ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ତତସଂଲଗ୍ନ ଉତ୍ତର ଆନ୍ଧ୍ର ଏବଂ ଦକ୍ଷିଣ ଓଡିଶା ଉପକୂଳରେ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚତା ଯାଏଁ ସକ୍ରିୟ ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଂଚଳରେ ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସମ୍ଭାବନା ରହିଛି ।

# ୫-ଟି ସ୍କୁଲରେ ଖସିଲା ସିଲିଂ; ଶିକ୍ଷୟିତ୍ରୀ ଓ ଦୁଇ ଶିକ୍ଷକ ମେଡିକାଲ୍‌ରେ



ଭୁବନେଶ୍ୱର,୧୯।୭(ପି.ଏନ): ୫-ଟି ସ୍କୁଲ ନିର୍ମାଣକୁ ବର୍ଷ ପୂରିନି। ହେଲେ ତାହା ପୂର୍ବରୁ ସ୍କୁଲ ଛାତରୁ ଖସିଲା ସିଲିଂ। ରକ୍ତାକ୍ତ ହେଲେ ଶିକ୍ଷୟିତ୍ରୀ ଓ ଦୁଇ ଶିକ୍ଷକ। ୫ଟିର ଏପରି ବିକଳ ଚିତ୍ର ଆଜି ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ। ଶିକ୍ଷୟିତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି ।ତାଳଦା ଏଡବାଂଶ ପଢ଼ିଆରୀ ବିଦ୍ୟାପୀଠ ହେଉଛି ବହୁ ପୁରାତନ ସ୍କୁଲ। ଏହି ସ୍କୁଲକୁ ରାଜ୍ୟ ସରକାର ୫ଟିରେ ଅନ୍ତର୍ଭୁକ୍ତ କରିଥିଲେ। ୫-ଟିରେ ଅନ୍ତର୍ଭୁକ୍ତ ହେବା ପରେ ଗତବର୍ଷ ସ୍କୁଲକୁ ନବୀକରଣ କାର୍ଯ୍ୟ କରାଯାଇଥିଲା। ତା'ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍କୁଲକୁ ଲୋକାର୍ପିତ କରିଥିଲେ। ଆଜି ସେହି ସ୍କୁଲରେ ଅଘଟଣ ଘଟିଛି।

# ଲାଞ୍ଚୁଆ ପୁଲିସ୍ ! ମଦ ବେପାରୀଠାରୁ ମାସିକ ବଟି ନେଇ ଧରା ପଡିଲେ ଆଇଆଇସି ଓ ଏଏସ୍‌ଆଇ



ଦୁଇ ଲାଞ୍ଚୁଆ ପୁଲିସ୍‌ଙ୍କୁ ଧରିଲା ଭିଜିଲାନ୍ସ। ମଦ ବ୍ୟବସାୟୀଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଥାନା ଅଧିକାରୀ ଓ ଏଏସ୍‌ଆଇଙ୍କୁ ଭିଜିଲାନ୍ସ ମାଡି ବସିଲା। ଏଥିସହ ସେମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛି। ବାଲେଶ୍ୱର ସଦର ମହକୁମାରୁ ଆସିଛି ଏପରି ଖବର। ବାଲେଶ୍ୱର ଜିଲ୍ଲା ପାତ୍ରପଡ଼ା, ବଳରାମଗଡ଼ି ଓ ଫୁଲାଡ଼ିରେ ନବକୁମାର ରାୟଙ୍କର ୩ଟି ସରକାରୀ ଠିପି ବନ୍ଦ ମଦ ଦୋକାନ ରହିଛି। ତେବେ ବଳରାମଗଡ଼ିରେ ଥିବା ମଦ କାଉଣ୍ଟର ପାଇଁ ଚାନ୍ଦିପୁର ଥାନାର ଆଇଆଇସି ଗଣେଶ୍ୱର ପ୍ରଧାନ ମାସିକିଆ ବଟି ବାବଦକୁ ୫୦ ହଜାର ଟଙ୍କା ଦାବି କରୁଥିଲେ। ଏଥିପାଇଁ ଏଏସ୍‌ଆଇ ବଳି ମହାନ୍ତି ମଧ୍ୟସ୍ଥତା କରୁଥିଲେ। କିନ୍ତୁ ଏହି ବଟି ଟଙ୍କା ଦେବା ପାଇଁ ରାଜି ନଥିଲେ ନବକୁମାର। ସେ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

## ଭିଜିଲାନ୍ସ ଜାଲରେ ଚାନ୍ଦିପୁର ଥାନା ଆଇଆଇସି ଓ ଏଏସଆଇ

ଭୁବନେଶ୍ୱର, ୧୯।୭(ପି.ଏନ): ଲାଂଚ ନେଇ ଭିଜିଲାନ୍ସ ଜାଲରେ ପଡିଛନ୍ତି ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଆଇଆଇସି ଓ ଏଏସଆଇ। ସେମାନେ ହେଲେ ଚାନ୍ଦିପୁର ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଓ ଏଏସଆଇ ପ୍ରଦୀପ କୁମାର ମହାନ୍ତି। ଜଣେ ଲାଇସେନ୍ସଧାରୀ ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ବଟି ବାବଦରେ ୫୦ ହଜାର ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ କାବୁ କରିଥିଲେ। ବେପାର ବନ୍ଦ କରିଦେବାକ ଧମକ ଦେଇ ଉଭୟ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେଉଥିଲେ। ଭିଜିଲାନ୍ସ ଅଧିକାରୀମାନେ ଏଏସଆଇ ବଳି ମହାନ୍ତିଙ୍କ ଠାରୁ ଲାଂଚ ଟଙ୍କା ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ଆୟ ବର୍ହିଭୁତ ସମ୍ପତି ଠୁଳ ମାମଲାରେ ଉଭୟ ଶ୍ରୀ ପ୍ରଧାନ ଓ ଶ୍ରୀ ମହାନ୍ତିଙ୍କ ୬ ଟି ଠିକଣା ଉପରେ ଭିଜିଲାନ୍ସ ଚଢାଉ କରାଯାଇଛି।

# ଉପ ବାଚସ୍ପତିଙ୍କ ଉପରକୁ କାଗଜ ଫିଙ୍ଗି ଗୃହରୁ ବିଦା ହେଲେ ୧୦ ବିଜେପି ବିଧାୟକ

ନୂଆଦିଲ୍ଲୀ,୧୯।୭(ପି.ଏନ): କର୍ଣ୍ଣାଟକା ବିଧାନସଭାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। ଗୃହରେ ବିଶୃଙ୍ଖଳା କରିବା ସହ ଉପ ବାଚସ୍ପତି ରୁଦ୍ରପ୍ପା ଲମାନିଙ୍କ ଉପରକୁ କାଗଜ ଫୋପାଡି ବିରୋଧୀ ବିଜେପିର ୧୦ ଜଣ ବିଧାୟକ ନିଲମ୍ବିତ ହୋଇଛନ୍ତି। ସେମାନଙ୍କୁ ଚଳିତ ବିଧାନସଭା ଅଧିବେଶନରେ ଆଉ ଗୃହରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ।କର୍ଣ୍ଣାଟକା ବିଧାନସଭାର ବାଚସ୍ପତି ୟୁଟି ଖାଦେର ଆଜି ବିନା ଲଞ୍ଚ ବ୍ରେକରେ ଗୃହ କାର୍ଯ୍ୟକୁ ଜାରି ରଖିବାକୁ ରୁଲିଂ ଦେବାକୁ ବିଜେପି ବିଧାୟକମାନେ ଅସନ୍ତୋଷ ପ୍ରକାଶ କରିଥିଲା। ଏହାକୁ ନେଇ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାପରେ ବିଜେପି ବିଧାୟକମାନେ କଂଗ୍ରେସ ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ସରକାର ୨ ଦିନ ହେଲା ଆଇଏଏସ୍ ଅଫିସରଙ୍କୁ ବ୍ୟବହାର କରି ବିରୋଧୀ ଦଳର ନେତାମାନଙ୍କ ସହ ବୈଠକ କରୁଥିବା ବିଜେପି ବିଧାୟକମାନେ କହିଥିଲେ। ଏପରି ଅଭିଯୋଗ ଆଣି ସେମାନେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ।

## ପ୍ରକାଶ ପାଇଲା ଯୁକ୍ତ ୨ ଦ୍ୱିତୀୟ ମେଧା ତାଲିକା

ଭୁବନେଶ୍ୱର, ୧୯।୭(ପି.ଏନ): ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମଲେଖା ପାଇଁ ବୁଧବାର ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୭୦ ହଜାର ୧୦୫ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। କଳାରେ ୪୯ ହଜାର ୭୦ ଜଣ, ବାଣିଜ୍ୟରେ ୩ ହଜାର ୧ ଶହ ୮୨ ଜଣ ଓ ବିଜ୍ଞାନରେ ୧୬ ହଜାର ୯ଶହ ୨୭ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେହିପରି ସଂସ୍କୃତରେ ୩୫୩ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫୭୩ ଜଣ ଛାତ୍ରଛାତ୍ରୀ ମନୋନୟନ ହୋଇଛନ୍ତି। ପ୍ରଥମ ମେଧା ତାଲିକାରେ ଖାଲି ପଡ଼ିଥିବା ସିଟ୍ ପୂରଣ ପାଇଁ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇଛି। ଜୁଲାଇ ୨୦ ରୁ ୨୨ ହେବ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ କଟଅଫ୍ ରେ ୪ ଲକ୍ଷ ୧୨ ହଜାର ୩୬୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିଲେ।

# କମ୍ପାନୀମାନଙ୍କ ଗୁଣ୍ଡାରାଜ ଯୋଗୁଁ ଧନ୍ଦାମୂଳକ ଶିକ୍ଷା ବାଟବଣା

ଭୁବନେଶ୍ୱର, ୧୯।୭(ପି.ଏନ): ଆଜି ଲୋୟର ପି.ଏମ୍.ଜି. ଧାରଣା ସ୍ଥଳରେ ଅଲ୍ ଓଡ଼ିଶା ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ସମାବେଶ ହୋଇଥିଲା। ଦୀର୍ଘ ୫୩ଦିନ ଧରି ଚାଲିଆସୁଥିବା ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କର ଆନ୍ଦୋଳନ ସତ୍ତ୍ୱେ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନଥିବା ଯୋଗୁଁ ଆଗାମୀ ପଦକ୍ଷେପ ସମ୍ପର୍କରେ ବିଚାର ଆଲୋଚନା ପାଇଁ ବିଭିନ୍ନ ଜିଲ୍ଲାରୁ ଧନ୍ଦାମୂଳକ ପ୍ରଶିକ୍ଷକମାନେ ଆସି ଆଲୋଚନାରେ ଭାଗ ନେଇଥିଲେ। ଧନ୍ଦାମୂଳକ ପ୍ରଶିକ୍ଷକ ସଂଘର ରାଜ୍ୟସଭାପତି ସୁନୀଲ୍ ଦେବତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ ସରକାର ଧନ୍ଦାମୂଳକ ଶିକ୍ଷାପ୍ରତି ଉଦାସୀନ ରହିବା, ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କ ସମସ୍ୟା ପ୍ରତି ଅଣଦେଖା କରିବାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟରେ ୫-ଟି' ସ୍କୁଲ୍‌ମାନଙ୍କରେ ଚାଲିଥିବା ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ନ ଦେବା ବଡ଼ ଚିନ୍ତା ଓ ଦୁଃଖର ବିଷୟ ବୋଲି ଆଲୋଚନାରେ ମତବ୍ୟକ୍ତ କରାଯାଇଥିଲା। ରାଜ୍ୟ ସରକାର ଧନ୍ଦାମୂଳକ ଶିକ୍ଷା ପାଇଁ ସିଧାସଳଖ ଶିକ୍ଷକ ନିଯୁକ୍ତି ନ ଦେଇ ବାହାର ରାଜ୍ୟର ଅଣଓଡ଼ିଆ କମ୍ପାନୀମାନଙ୍କ ମାଧ୍ୟମରେ ଧନ୍ଦାମୂଳକ ପ୍ରଶିକ୍ଷକ ନିଯୁକ୍ତି ଦେଉଥିବାରୁ ସମସ୍ତ ପ୍ରକାର ବିଶୃଙ୍ଖଳା ଦେଖାଦେଇଛି ବୋଲି ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା । ଯେଉଁ କମ୍ପାନୀମାନଙ୍କର ଶିକ୍ଷା ସହିତ ଜମାରୁ କୌଣସି ସମ୍ପର୍କ ନାହିଁ ସେମାନେ ପ୍ରଶିକ୍ଷକମାନଙ୍କୁ ମନଇଚ୍ଛା ଅଗଣତାନ୍ତ୍ରିକ ଭାବେ ନିଯୁକ୍ତି ଦେଉଛନ୍ତି ଓ ଛଟେଇ କରୁଛନ୍ତି। ବାହାର ରାଜ୍ୟର କମ୍ପାନୀମାନେ ସେମାନଙ୍କର କୌଣସି ଅଫିସ୍ ଓଡ଼ିଶାରେ କୌଣସି ଯାଗାରେ ଖୋଲି ନଥିବାରୁ କୌଣସି ତଥ୍ୟ ବିଷୟରେ ସେମାନଙ୍କ ସହିତ ଯୋଗାଯୋଗ ହୋଇପାରୁନାହିଁ।

# ହାଇକୋର୍ଟଙ୍କ ତାଗିଦ୍ ପରେ ଆଉ ୫ ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି କଲେ ସରକାର

ଭୁବନେଶ୍ୱର,୧୯।୭(ପି.ଏନ): ଓଡିଶା ହାଇକୋର୍ଟଙ୍କ ତାଗିଦ୍ ଓ ଦାଖଲ ସତ୍ୟପାଠ ଆଧାରରେ ରାଜ୍ୟ ସରକାର ଆଜି ଆଉ ଗ୍ରୁପ-ଏ ବର୍ଗରେ ୫ହଜାର ନୂଆ ଡାକ୍ତରୀ ପଦବୀ (ଏଲଟିଆରଏମଓ) ସୃଷ୍ଟିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଗତବର୍ଷ ନଭେମ୍ବର ମାସରେ ରାଜ୍ୟ ସରକାର ୨ହଜାର ଏଲଟିଆରଏମଓ ପଦବୀ ସୃଷ୍ଟି କରିଥିଲେ ଓ ଚଳିତବର୍ଷ ଏପ୍ରିଲ ମାସରେ ଓଡିଶା ହାଇକୋର୍ଟରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସତ୍ୟପାଠ ଦାଖଲ କରି ୬ମାସ ମଧ୍ୟରେ ଆଉ ୫ହଜାର ନୂଆ ଡାକ୍ତର ପଦବୀ(ଗ୍ରୁପ-ଏ)ରେ ସୃଷ୍ଟି କରାଯିବ ବୋଲି କହିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଆଜି ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ଲେଖି ଓଡିଶା ମେଡିକାଲ ଓ ହେଲଥ ସର୍ଭିସ(ଓଏମଏଚ୍ଏସ) କ୍ୟାଡରରେ ଗ୍ରୁପ-ଏ(ଜୁନିୟର ବ୍ରାଂଚ୍)ରେ ୫ହଜାର ଏଲଟିଆରଏମଓ (ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର) ଡାକ୍ତରୀ ପଦବୀ ସୃଷ୍ଟି କରାଯାଇଥିବା ନେଇ ଅବଗତ କରାଇଛନ୍ତି ।

# ପ୍ରବାଦ ପୁରୁଷ ବିଶିଷ୍ଟ ସଂଗୀତଜ୍ଞ ଶ୍ରୀ ଗୋପାଳ ପଣ୍ଡା ରତ୍ନାଲୋକ ସମ୍ମାନରେ ସମ୍ମାନିତ



କୋଲକତା,(ପାର୍ଥ ରାୟ),(ପି.ଏନ): ଗୁରୁ ଗୋପାଳ ପଣ୍ଡା ଏକ ସୁପରିଚିତ ନାମ । ବହୁ ସମ୍ମାନ ପୁରସ୍କାର ଉପାଧିରେ ମଣ୍ଡିତ ଶ୍ରୀ ପଣ୍ଡା ସଦ୍ୟ ରତ୍ନାଲୋକ ସମ୍ମାନରେ ସମ୍ମାନିତ ହେଲେ ସୁଦୂର ଆମେରିକା ହଷ୍ଟନସ୍ଥିତ କଳାଙ୍ଗନ ସଂସ୍ଥାଦ୍ୱାରା । ଗତ ଜୁଲାଇ ୧୭ ତାରିଖ ଦିନ କଲିକତା ସ୍ଥିତ ସତ୍ୟଜିତ ରାଏ ପ୍ରେକ୍ଷାଳୟରେ ସିଞ୍ଜନ ନୃତ୍ୟାଳୟ ଆନୁକୂଲ୍ୟରେ ଉକ୍ତ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଅଛି । ଏଥି ପାଇଁ ତାଙ୍କୁ ଏକ ମାନପତ୍ର, ପଚାଶ ହଜାର ଟଙ୍କା, ଉତ୍ତରୀୟ, ଅଙ୍ଗ ବସ୍ତ୍ର ଇତ୍ୟାଦି ପ୍ରଦାନ କରାଯାଇଥିଲା। କଳାଙ୍ଗନର ନିର୍ଦ୍ଦେଶିକା ସୁପ୍ରଦୀପ୍ତା ଦତ୍ତ ଜଣେ ସୁଦକ୍ଷ ଓଡିଶୀ ନୃତ୍ୟଶିଳ୍ପୀ ଏବଂ ସିଞ୍ଜନ ନୃତ୍ୟାଳୟ ର ଏକ ସଦସ୍ୟା। ଏହି ଅବସରରେ ସିଞ୍ଜନ ନୃତ୍ୟାଳୟ ର କୃତି ଛାତ୍ର ଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆ ହେଲା । କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ର ସିସିଆରଟି ଦ୍ୱାରା ସିନିୟର ଫେଲୋସିପ୍ ପ୍ରାପ୍ତା ବୈଶାଳୀ ଭୂଇଁୟା, ଶ୍ରୀପର୍ଣ୍ଣା ବୋଷ, ଜୁନିଅର ଫେଲୋସିପ ପାଇଥିବା ପୌଲାମୀ ଚକ୍ରବର୍ତ୍ତି ତଥା ସିନିଅର ଛାତ୍ରବୃତ୍ତି ପାଇଥିବା ଉର୍ଜ୍ଜସୀ ବାସାକ ଙ୍କୁ ପୁଷ୍ପ ଗୁଚ୍ଛ, ମାନପତ୍ର ପ୍ରଦାନ କରାଯାଇଲା ଏବଂ ଗୁରୁ ଆଲୋକ କାନୁନଗୋ ଟାଗୋର ଛାତ୍ରବୃତ୍ତି ପାଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ ଜଣହେଲା। ଗୁରୁ ଶିଷ୍ୟ ପରମ୍ପରା ରେ ଆଧାରିତ ଶ୍ରଦ୍ଧାଞ୍ଜଳି ଅନୁଷ୍ଠାନ ରେ ଏହି କାର୍ଯ୍ୟକ୍ରମ ର ସର୍ବ ପ୍ରଥମେ ତିନି ବିଶିଷ୍ଟ ଗୁରୁ ପଦ୍ମ ବିଭୂଷଣ କେଳୁଚରଣ ମହାପାତ୍ର, ଗୁରୁ ରଘୁନାଥ ଦତ୍ତ ଏବଂ ମହାମୋହପାଧ୍ୟାୟ ପଦ୍ମଶ୍ରୀ ସତ୍ୟନାରାୟଣଙ୍କ ଚରଣ କମଳ ରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସିଞ୍ଜନ ନୃତ୍ୟାଳୟ, କଲିକତାର ଗୁରୁ ଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମ ଅନନ୍ୟ ଓ ପ୍ରଶଂସନୀୟ।

# ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ଓ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ : ବିଜେପି

ଭୁବନେଶ୍ୱର, ୧୯।୭(ପି.ଏନ): ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା ଓ ହଜାର ହଜାର ଛାତ୍ରଛାତ୍ରୀଙ୍କର ଭବିଷ୍ୟତକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସିର ୧୨ନଂ ୱାର୍ଡ ନୂଆପାଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ସାମାନ୍ୟ ବର୍ଷାରେ ଶ୍ରେଣୀ ଗୃହରେ ପାଣି ଭରିଯିବାରୁ ଛାତ୍ରଛାତ୍ରୀମାନେ ଇଟା ଉପରେ ବସି ପାଠ ପଢୁଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେବଳ ସୁବର୍ଣ୍ଣପୁରରେ ନୁହେଁ ବରଂ ଏଭଳି ସ୍ଥିତି ରାଜ୍ୟର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ଶିକ୍ଷା କ୍ଷେତ୍ରରେ ସର୍ବ ଭାରତୀୟସ୍ତରରେ ଓଡ଼ିଶାର ସ୍ଥାନ ୨୪ନଂରେ ପଂହଚିଛି। ୫-ଟି ରୂପାନ୍ତରଣ ନାମରେ ବିଦ୍ୟାଳୟଗୁଡିକୁ ବିଜେଡି ନେତା ଓ ଠିକାଦାରମାନଙ୍କର 'ଟଙ୍କା ଲୁଟ୍'ର ମାଧ୍ୟମ କରାଯାଇ କୋଟି କୋଟି ଟଙ୍କା ଲୁଟ୍ କରାଯାଉଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା କହିଛନ୍ତି ।ପୁରୀ ଜିଲ୍ଲା ବଳଙ୍ଗା ନୋଡାଲ ହାଇସ୍କୁଲକୁ ବର୍ଷକ ତଳେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ କିନ୍ତୁ ବର୍ଷେ ନପୁରୁଣୁ ଶ୍ରେଣୀଗୃହ ଛାତରୁ ପାଣିଗଳିବା, ସିଲିଂ ଖସିବା ସହ କାନ୍ଥ ଭୁଷୁଡି ପଡିଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗଞ୍ଜାମ ବୁଗୁଡାର ମହାମାୟୀ ହାଇସ୍କୁଲରେ ନବମ ଶ୍ରେଣୀର ମୋଟ ୧୪୫ପିଲାଙ୍କୁ ମାତ୍ର ଜଣେ ଶିକ୍ଷକ ପାଠ ପଢ଼ାଉଛନ୍ତି। ରାଜ୍ୟ ସରକାର ସର୍ବାଧିକ ରାଜସ୍ୱ ପାଉଥିବା କେନ୍ଦୁଝର ଜିଲ୍ଲା ବଡହଲ ସ୍ଥିତ ୫-ଟି ରୂପାନ୍ତରିତ 'କଲେଜ ରୋଡ ହାଇସ୍କୁଲ'ରେ ୫୫ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ମାତ୍ର ହିନ୍ଦୀ ଶିକ୍ଷକ ପିଲାମାନଙ୍କୁ ବିଜ୍ଞାନ, ଗଣିତ, ଇଂରାଜୀ ଇତ୍ୟାଦି ପାଠ ପଢାଉଥିବା ଘଟଣା ସାମ୍ନାକୁ ଆସିଛି । ଏହା କେଉଁ ପ୍ରକାରର ୫-ଟି ରୂପାନ୍ତରଣ ମଡେଲ ଶିକ୍ଷା ବ୍ୟବସ୍ଥା ବୋଲି ପ୍ରଶ୍ନ କରିବା ସହିତ ରାଜ୍ୟ ସରକାର ୫-ଟି ରୂପାନ୍ତରଣ ନାଁରେ ରାଜନୈତିକ ଫାଇଦା ନେବା ପାଇଁ ଚାଲିଥିବା ସାଙ୍ଘାତିକ ମିଛ ପଦାରେ ପଡିଛି ବୋଲି ଶ୍ରୀ ପରିଡା କହିଛନ୍ତି ।ଖାଲି ସେତିକି ନୁହେଁ ବିଜୁଳି ସଂଯୋଗ ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୧୧୭୧୦, ଖେଳପଡିଆ ନଥିବା ବିଦ୍ୟାଳୟ ସଂଖ୍ୟା ୨୧୦୬୫, କଂପ୍ୟୁଟର ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୪୧୯୯୬, ଆବଶ୍ୟକୀୟ ଶ୍ରେଣୀଗୃହ ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୬୭୮୧ ଏବଂ ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ନଥିବା ବିଦ୍ୟାଳୟ ସଂଖ୍ୟା ହେଉଛି ୬୦୧୧ । ନିଜେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ବିଧାନସଭାରେ ଦେଇଥିବା ଏହି ତଥ୍ୟ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ବର୍ଣ୍ଣନା କରୁଛି ବୋଲି ଶ୍ରୀ ପରିଡା କହିଛନ୍ତି । କେବଳ ରାଜଧାନୀ ଭୁବନେଶ୍ୱରରେ ଗତ ୮ବର୍ଷ ମଧ୍ୟରେ ୫୯ଟି ସରକାରୀ ସ୍କୁଲ ବନ୍ଦ ହେବା ଏବଂ ୨୦୦୦ମସିହାଠାରୁ ଭୁବନେଶ୍ୱରରେ ମାତ୍ର ୧୧ଟି ସରକାରୀ ବିଦ୍ୟାଳୟ ଖୋଲିଥିବା ବେଳେ ୨୦୩ଟି ଘରୋଇ ବିଦ୍ୟାଳୟ ଖୋଲିଛି। ପ୍ରାୟ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ୫-ଟି ରୂପାନ୍ତରଣ କରିବା ପରେ ୟୁନିଟ୍-୨ ସ୍କୁଲ ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନାନ୍ତର କରିବା ଷଡଯନ୍ତ୍ର କାହା ସ୍ୱାର୍ଥରେ ରାଜଧାନୀରେ ମୂଲ୍ୟବାନ ଜମିକୁ ଡିଏନ ଗ୍ରୁପ ଭଳି ଘରୋଇ ସଂସ୍ଥାକୁ ଟେକି ଦେଇଥିବା ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ପାଇଁ ଜମି ନଦେଇପାରିବା ସରକାରୀ ଆନ୍ତରିକତାର ଅଭାବକୁ ଦର୍ଶାଉଛି। ପୂର୍ବରୁ ବଡ ଅଫିସରମାନଙ୍କ ପାଇଁ ଗେଷ୍ଟ ହାଉସ ନିର୍ମାଣ ପାଇଁ ରାଜଧାନୀର ଏକ ସରକାରୀ ବିଦ୍ୟାଳୟ ଜମିକୁ ହାତେଇବା ପାଇଁ ଏକ ପ୍ରୟାସ କରି ସରକାର ନିନ୍ଦିତ ହୋଇଥିଲେ। ରାଜ୍ୟ ସରକାର ୫-ଟି ରୂପାନ୍ତରଣ ଆଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ବନ୍ଦ କରନ୍ତୁ ଏବଂ ଗୁଣାତ୍ମକ ଶିକ୍ଷା ଓ ପ୍ରାଥମିକ ସ୍ତରରୁ ଭିତିଭୂମି ବିକାଶକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଶ୍ରୀ ପରିଡା କହିଛନ୍ତି ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଜୁଲାଇ ୨୦**

# ଅନ୍ତର୍ଜାତୀୟ ଚେସ୍ ଦିବସ


ଶେଖ ଫରିଦଉଦ୍ଦିନ

ପ୍ରତିବର୍ଷ ଜୁଲାଇ ୨୦ ତାରିଖରେ ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯାଏ। ୧୯୨୪ ମସିହାରେ ଏହି ଦିନ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ ଗଠନ କରାଯାଇଥିଲା। ସେହିଦିନର ସ୍ମୃତି ଭାବେ ପ୍ରତିବର୍ଷ ଜୁଲାଇ ୨୦ରେ ଚେସ୍ ଦିବସ ପାଳନ କରାଯାଉଛି। ଚେସ୍‌ର ଜନ୍ମ ଭାରତରେ, ପଞ୍ଚମ ଶତାବ୍ଦୀରେ ହୋଇଥିଲା। ଏହାର ମୂଳ ଭାରତୀୟ ନାମ ଚତୁରଙ୍ଗ। ଏହା ଭାରତରୁ ପର୍ସିଆ ଯାଇଥିଲା ଏବଂ ସେଠାରୁ ୟୁରୋପର ଦକ୍ଷିଣାଞ୍ଚଳ। ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ଏହାକୁ ନିଷିଦ୍ଧ କରିବା ଲାଗି ଉଦ୍ୟମ ହୋଇଥିବା ସତ୍ତ୍ୱେ ଏହି ଖେଳ ବର୍ତ୍ତି ଯାଇଥିଲା। ଆଧୁନିକ ଚେସ୍‌ର ଜନ୍ମ ୟୁରୋପରେ ହିଁ ହୋଇଥିଲା। ସାରା ଦୁନିଆରେ ଚେସ୍ ଖେଳ ପ୍ରତି ବଢୁଥିବା ଆକର୍ଷଣକୁ ଆହୁରି ଲୋକାଭିମୁଖୀ କରିବା ନିମନ୍ତେ ୟୁନିସ୍କୋ ପ୍ରଥମେ ଚେସ୍ ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ୧୯୬୬ ମସିହା ଠାରୁ ଚେସ୍ ଦିବସ ପାଳନ ହୋଇ ଆସୁଛି। ଏହି ଦିନ ପାଳନ ଅବସରରେ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ ତରଫରୁ ପ୍ରତ୍ୟେକ ଦେଶରେ ଚେସ୍ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ବହୁ ବର୍ଷ ପୂର୍ବେ ପ୍ରଥମେ ୟୁରୋପରେ ଚେସ୍ ଖେଳ ଆରମ୍ଭ ହୋଇଥିଲା। ୧୮୫୧ ମସିହାରେ ଲଣ୍ଡନ ଠାରେ ପ୍ରଥମ ଆଧୁନିକ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜର୍ମାନ ଆଡୋଲ୍ଫ ଆଣ୍ଡରସନ ବିଜେତା ଘୋଷିତ ହୋଇଥିଲେ।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮

# କ୍ରିକେଟ ତାରକା ଦେବାଶିଷ ମହାନ୍ତି


ଗଙ୍ଗାଧର ସାମଲ

ଭାରତୀୟ କ୍ରିକେଟ ଦଳରେ ପ୍ରତିନିଧିତ୍ୱ କରିଥିବା ପ୍ରଥମ ଓଡ଼ିଆ ଖେଳାଳୀ ହେଉଛନ୍ତି ଦେବାଶିଷ ମହାନ୍ତି। ୧୯୭୬ ଜୁଲାଇ ୨୦ ତାରିଖରେ ଆଜିର ଦିନରେ ପିତା ସର୍ବେଶ୍ୱର ମହାନ୍ତି ଓ ମାତା ମଞ୍ଜୁଳା ମହାନ୍ତିଙ୍କ କୋଳମଣ୍ଡନ କରି ଭୁବନେଶ୍ୱରରେ ଜନ୍ମ ଗ୍ରହଣ କରିଥିଲେ। ପିଲାବେଳୁ ଦେବାଶିଷଙ୍କ କ୍ରିକେଟ ପ୍ରତି ବିଶେଷ ଆଗ୍ରହ ରହିଥିଲା। ୧୯୯୧ ମସିହା ଠାରୁ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ପ୍ରଖ୍ୟାତ ସହିତ ସ୍ପୋର୍ଟିଂ କ୍ଲବରେ ଯୋଗଦାନ କରି ସ୍ୱର୍ଗତ କମଳ ଗାଙ୍ଗୁଲୀଙ୍କ ଠାରୁ କ୍ରିକେଟ ପ୍ରଶିକ୍ଷଣ ନେଇଥିଲେ। ପରେ ସେ ଭୁବନେଶ୍ୱର ଦଳର ପ୍ରତିନିଧିତ୍ୱ କରିଥିଲେ। ୧୯୯୭ ମସିହାରେ ବଙ୍ଗଳାଦେଶରେ ଅନୁଷ୍ଠିତ ସାର୍କ ଟୁର୍ଣ୍ଣାମେଣ୍ଟରେ ତାଙ୍କ ବୋଲିଂରେ ପ୍ରଭାବିତ ହୋଇ ତତ୍କାଳୀନ ଭାରତୀୟ ଦଳର ପ୍ରଶିକ୍ଷକ ଭାରତୀୟ ଟିମ୍ ପାଇଁ ତାଙ୍କ ନାମ ସୁପାରିଶ କରିଥିଲେ। ୧୯୯୭ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଥର ପାଇଁ ଦେବାଶିଷ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ସେହି ମ୍ୟାଚରେ ସେ ୨୦.୪ ଓଭର ବୋଲିଂ କରି ୪ଟି ୱିକେଟ୍ ନେଇଥିଲେ। ଏହାପରଠୁ ଭଲ ସୁଇଂ ବୋଲର ଭାବେ ଦେବାଶିଷ ପରିଗଣିତ ହେଲେ। ୧୯୯୯ ବିଶ୍ୱକପ୍‌ରେ ସେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସେ ଓଡ଼ିଶା ରଣଜୀ ଦଳର ପ୍ରଶିକ୍ଷକ ରୂପେ କାର୍ଯ୍ୟରତ। ଉତ୍ତମ ପ୍ରଦର୍ଶନ ପାଇଁ ଦେବାଶିଷଙ୍କୁ ୧୯୯୮ ମସିହାରେ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା,
ଦୂରଭାଷ : ୯୪୩୭୨୨୬୬୪୭

# ଚାକିରିଆଙ୍କ ସଞ୍ଚୟ କରିପାରିବେ ତ ?


ଯୁଧିଷ୍ଠିର ମହାରଣା

ଆଜିର ସମୟରେ ଏକ ମଧ୍ୟବିତ୍ତର କଥା ଟିକେ ଚିନ୍ତା କଲେ। ଦରମା ଗଣ୍ଡାକ ଯାହା, ତାହା ସହିତ ସବୁ ଖର୍ଚ୍ଚ ବଢ଼ିଛି। ବଜାର ଦର ଠାରୁ ପରିବାପତ୍ର, ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଠାରୁ ଔଷଧ ପାଣି ଆଉ ସବୁକିଛି। ବଡ଼ବଡ଼ିଆମାନେ ବା ସରକାରୀ ଚାକିରିଆ ମାନେ ତ ବଞ୍ଚିଯିବେ କିନ୍ତୁ ମଧ୍ୟବିତ୍ତଙ୍କ ଦୁଃଖ ଯେଉଁ ତିମିରକୁ ସେଇ ତିମିର। ଏହିପରି ଏକ ସନ୍ଧୀକ୍ଷଣ ସମୟରେ ଜାତୀୟ ଗଣମାଧ୍ୟମର ସର୍ଭେ ରିପୋର୍ଟ ସମ୍ପର୍କରେ ଟିକିଏ ଆଲୋଚନା କରୁଛୁ। ଅର୍ଥନୈତିକ ଶିକ୍ଷା କମ୍ପାନୀ ଫିନସେଫ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତର ଚାକିରିଆଙ୍କ ପାଇଁ ଟଙ୍କା ସଞ୍ଚୟ କରିବା ହେଉଛି ଏକ ବଡ଼ ଆହ୍ୱାନ। ଜରୁରୀ ପରିସ୍ଥିତି ପାଇଁ ଆର୍ଥିକ ଯୋଜନା କରିବାରେ ମଧ୍ୟ ଭାରତୀୟଙ୍କ ଠାରେ ପ୍ରସ୍ତୁତିର ଅଭାବ ଦେଖାଦେଇଥାଏ। ସର୍ବେକ୍ଷଣରେ ଭାଗ ନେଇଥିବା ଲୋକଙ୍କ ମଧ୍ୟରୁ ୪୮% କହିଥିଲେ ଯେ ଅବସର ଗ୍ରହଣ ଓ ପିଲାଙ୍କ ଶିକ୍ଷା ପରି ଲକ୍ଷ୍ୟ ହାସଲ ସେମାନଙ୍କ ଲାଗି ସବୁଠାରୁ ବଡ଼ ଆର୍ଥିକ ଆହ୍ୱାନ। ସେହିପରି ୪୨% କହିଛନ୍ତି ଯେ କୌଣସି କାରଣରୁ ଚାକିରି ହରାଇଲେ ସେମାନେ ନିଜର ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ହେବେ। ଚାକିରିଆଙ୍କ ପାଇଁ ଆର୍ଥିକ ଚିନ୍ତାର କେତେକ ବଡ଼ କାରଣ ହେଉଛି ବୃଦ୍ଧ ପିତାମାତାଙ୍କ ପ୍ରତିପୋଷଣ ଏବଂ ମେଡ଼ିକାଲ ଖର୍ଚ୍ଚ। ୪୮% ଅଂଶଗ୍ରହଣୀକାରୀ ନିଯୁକ୍ତିଦାତାଙ୍କ ଦ୍ୱାରା ପ୍ରଦତ୍ତ ମେଡ଼ିକାଲ ସୁରକ୍ଷା ଉପରେ ନିର୍ଭରଶୀଳ ହୋଇଥିଲେ ହେଁ ତାହା ପର୍ଯ୍ୟାପ୍ତ ବୋଲି ଅନୁଭବ କରନ୍ତି ନାହିଁ ଏବଂ ୨୩% ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ନେଇ କଦାପି ପ୍ରସ୍ତୁତ ନାହାନ୍ତି। ଚାକିରିଆଙ୍କ ପୁଞ୍ଜି ନିବେଶ ଉପରେ ଦୃଷ୍ଟି ପକାଇଲେ ଜଣାପଡ଼ିଥାଏ ଯେ ସେମାନଙ୍କ ମଧ୍ୟରୁ ୪୪% ମ୍ୟୁଚୁଆଲ ଫଣ୍ଡ ବା ଷ୍ଟକରେ ନିବେଶ କରୁଥିବାବେଳେ ୩୬% ଫିକ୍ସଡ ଡିପୋଜିଟ ଓ ଇନସ୍ୟୁରାନ୍ସ ଆଦିରେ ନିବେଶ କରନ୍ତି। କିନ୍ତୁ ଏକ-ତୃତୀୟାଂଶ ବା ୩୪% ଚାକିରିଆ କେଉଁଠି ପୁଞ୍ଜି ନିବେଶ କରିବେ ସେ ସମ୍ପର୍କରେ ଅଜ୍ଞ ଅଛନ୍ତି। ସମ୍ପ୍ରତି ସୃଷ୍ଟିର ମୂଳଦୁଆ ଭାବେ ବିବେଚିତ ସଞ୍ଚୟ କରିବା ଚାକିରିଆଙ୍କ ଲାଗି ଅନ୍ୟତମ ବିରାଟ ଆହ୍ୱାନ। ୫୭% ଚାକିରିଆ ନିଜ ଦରମାର ୨୦%ରୁ କମ ସଞ୍ଚୟ କରୁଥିବା ବେଳେ ୨୪% ଲୋକ ଟଙ୍କାଟିଏ ସଞ୍ଚୟ କରନ୍ତି ନାହିଁ। ନିଜ ରୋଜଗାର ସହ ସମସ୍ତ ଖର୍ଚ୍ଚକୁ ଦେଖିଲାବେଳକୁ ଜଣଙ୍କ ପାଖରେ କ'ଣ ବଳି ଯାଉଛି ଯେ ସେ ଆଉ ସଞ୍ଚୟ କରିପାରିବ। କିନ୍ତୁ ଅର୍ଥର ତଥାକଥିତ ଅର୍ଥ ବିଶାରଦ ଓ ସରକାରୀ କ୍ଷେତ୍ର ଭଲ ଭାବେ ବୁଝିବା ଜରୁରୀ ଯେ ସଞ୍ଚୟ ହେଉଛି ଏକ ଦେଶର ଗୁରୁତ୍ୱପୂର୍ଣ୍ଣ ଅର୍ଥନୀତିର ମଜଭୁତ କ୍ଷେତ୍ର କାରଣ ସଞ୍ଚୟ ନାହିଁ ଅର୍ଥ ଯେପରି ବିନ୍ଦୁ ବିନ୍ଦୁ ପରି ସିନ୍ଧୁ ସେହିପରି ଜଣ ଜଣଙ୍କର ସଞ୍ଚୟକୁ ନେଇ ଦେଶର ଅର୍ଥନୀତି ନିରୂପିତ ହୁଏ ଏବଂ ଦେଶର ଅର୍ଥ ଭଣ୍ଡାର ସମୃଦ୍ଧ ହୋଇଥାଏ। ତେଣୁ ମୁଦ୍ରାସ୍ଫିତୀ ଓ ଅର୍ଥନୀତି ଭିତରେ ଏକ ଭାରସାମ୍ୟ ରଖିବା ପାଇଁ ସରକାର ଗୁରୁତ୍ୱ ଦିଅନ୍ତୁ। ଅର୍ଥନୈତିକ ପ୍ୟାକେଜ ଓ ଦରଦାମ ଉପରେ ଲଗାମ କସି ମଧ୍ୟବିତ୍ତଙ୍କୁ ବଞ୍ଚିବା ପାଇଁ ସରକାର ଦିଅନ୍ତୁ ନଚେତ ଏହି ମଧ୍ୟବିତ୍ତ ମାନଙ୍କ ସଞ୍ଚୟ କ୍ଷେତ୍ର ତ ସମ୍ପୂର୍ଣ୍ଣ ରୂପେ ଗୋଲ ହୋଇଯିବ ଆଉ ଏ କ୍ଷେତ୍ରରେ ସରକାରଙ୍କ ଜାତୀୟ ଅର୍ଥନୀତିର ଧାବମାନ ପ୍ରଗତିର ରକେଟ ଚନ୍ଦ୍ରାୟଣ ପରି ଆଉ ଉର୍ଦ୍ଧ୍ୱମୁଖୀ ନ ହୋଇ ନିମ୍ନମୁଖୀ ହେବା ପାଇଁ ଅଧିକ ସମୟ ଲାଗିବନାହିଁ। କେହି କେହି କୁହନ୍ତି ଯେ ମଧ୍ୟବିତ୍ତମାନେ ଅଯଥା ଖର୍ଚ୍ଚ କରିଦେଉଛନ୍ତି କିନ୍ତୁ ଏହା ଅନେକାଂଶରେ ଭୁଲ। ଯେଉଁଠି ଖାଇବା ପାଇଁ ନିଅଣ୍ଟ ସେଠି ଖୋଲାମେଲା ଖର୍ଚ୍ଚ କରିବା ପାଇଁ ପଇସା ପାଇବା କେଉଁଠୁ ? ତେଣୁ ସରକାର ଟିକେ ଚିନ୍ତା କରି ସଞ୍ଚୟ କ୍ଷେତ୍ରରେ ଅର୍ଥନୀତିର ଦିଗକୁ ନିରୂପିତ କରନ୍ତୁ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

# ଅଟୋରେ ମିଟର ରହୁନି, ଠକି ହେଉଛନ୍ତି ଯାତ୍ରୀ


ଗିରିଧାରୀ ସାମଲ

କଟକ ସହରର ବିପର୍ଯ୍ୟୟ ରାସ୍ତାଘାଟ ଅବସ୍ଥା ଓ ଟ୍ରାଫିକ ସମସ୍ୟାକୁ ନେଇ ସବୁବେଳେ ଆଲୋଚନା କରାଯାଉଥିଲା ବେଳେ ସାଧାରଣ ଯାତ୍ରୀଙ୍କ ସମସ୍ୟା ପ୍ରତି କାହାରି ନିଘା ନାହିଁ। ସହରର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯା'ଆସ ପାଇଁ ସାଧାରଣ ଲୋକମାନେ ଏବେ ମୁଖ୍ୟତଃ ଅଟୋ ଉପରେ ନିର୍ଭର କରୁଛନ୍ତି। କାରଣ ମଟର ଯାନ ଆଇନ କଡ଼ାକଡ଼ି ହେବା ପରେ ବିଭିନ୍ନ କାରଣରୁ ବହୁଲୋକ ଦୁଇ ଚକିଆ ଯାନ ନେଇ ଯାତାୟତ କରିବା ସମ୍ଭବ ହେଉନାହିଁ। ଏଥିସହ ଦୁଇଚକିଆ ଗାଡ଼ିର ପଛ ସିଟରେ ବସିଥିବା ଆରୋହୀଙ୍କ ପାଇଁ ହେଲମେଟ ବାଧ୍ୟତାମୂଳକ ହେବା ପରେ ସାଧାରଣ ଲୋକଙ୍କ ପାଇଁ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଲୋକମାନେ ଅଟୋରେ ଯା'ଆସ କରୁଥିଲାବେଳେ ପରିବହନ ବିଭାଗର ଅଟୋଭଡ଼ାଉପରେ କିଛି ଲଗାମ ନଥିବା ଅଭିଯୋଗ ହେଉଛି। ଅଟୋରେ ମିଟର ଲଗାଇ ଭଡ଼ା ନିର୍ଦ୍ଧାରଣ କରାଯାଉନଥିବାରୁ ଯାତ୍ରୀଙ୍କ ନିକଟରୁ ମନଇଚ୍ଛା ଭଡ଼ା ଆଦାୟ କରାଯାଉଛି।

କଟକ ସହରକୁ ଦେଶର ଅନ୍ୟ ସହର ଭଳି ଉନ୍ନତ ସହର କରିବାକୁ ସରକାର ଯୋଜନା କରୁଛନ୍ତି। କିନ୍ତୁ ସାଧାରଣ ପରିବହନ ବ୍ୟବସ୍ଥାରେ ସୁଧାର ପାଇଁ ସରକାର କିଛି ବ୍ୟବସ୍ଥା କରୁନାହାନ୍ତି। ସୀମିତ ସ୍ଥାନକୁ ରହିଥିବା ମୋ ବସ ସେବା ସହରବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ଲୋକମାନେ ଅଟୋରେ ଯା'ଆସ କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ସେୟାର ଅଟୋ ସବୁ ସ୍ଥାନକୁ ଯାଉନାହିଁ। ଏଥିସହ ନିର୍ଦ୍ଧାରିତ ସଂଖ୍ୟକ ଯାତ୍ରୀ ହେବା ପରେ ସେୟାର ଅଟୋ ଛାଡ଼ିଥାଏ। ସେୟାର ଅଟୋ ଭଡ଼ା ମନଇଚ୍ଛା ଆଦାୟ କରାଯାଉଛି। ୨ କିମି ରାସ୍ତା ପାଇଁ ସେୟାର ଅଟୋରେ ଯାତ୍ରୀଙ୍କ ନିକଟରୁ ୨୦ଟଙ୍କା ନିଆଯାଉଛି। ବହୁ ସମୟରେ ରିଜର୍ଭ କରି ଅଟୋରେ ଯାତ୍ରୀଙ୍କୁ ଯାତାୟାତ କରିବାକୁ ପଡୁଛି। କିନ୍ତୁ ରିଜର୍ଭ ଅଟୋରେ ୧/୨ କିମି ରାସ୍ତା ପାଇଁ ଅଟୋଭଡ଼ା ଶହେ ଟଙ୍କା ଦେବାକୁ ପଡୁଛି। ହସ୍ପିଟାଲ ଓ ରେଳ ଷ୍ଟେସନ ପାଇଁ ଅଟୋ ଭଡ଼ା କଲେ ଦର ଭିନ୍ନ ରହୁଛି। ବରିଷ୍ଠ ନାଗରିକ ଓ ଚାଲିବାକୁ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଏପରି ସ୍ଥିତି ଗୁରୁତର ସମସ୍ୟା ସୃଷ୍ଟି କରୁଛି। ପରିସ୍ଥିତି ଦେଖି ରିଜର୍ଭ ଅଟୋଭଡ଼ା ଧାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଏଥିପାଇଁ କିଛି ନୀତି ନିୟମ ନାହିଁ। ଏଭଳି ସ୍ଥିତିରେ ସାଧାରଣ ଯାତ୍ରୀ କେବଳ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଫଳରେ ବରିଷ୍ଠ ନାଗରିକ, ମହିଳା, ଛାତ୍ରଛାତ୍ରୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। କଟକ ସହରକୁ ଡାକ୍ତରୀ ଚିକିତ୍ସା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କ ଅବସ୍ଥା ନ କହିଲେ ଚଳେ। ବାହାରୁ ଆସୁଥିବା ଲୋକମାନେ ଦାବି ମୁତାବକ ଅଟୋଭଡ଼ା ଦେବାକୁ ବାଧ୍ୟ ହେଉଛନ୍ତି।

କଟକ ମହାନଗରରେ ଅଟୋ ଭଡ଼ା ମୁମ୍ବାଇ ମହାନଗର ଠାରୁ ଅଧିକ ବୋଲି କୁହାଯାଉଛି। ମୁମ୍ବାଇ ସହରରେ ସବୁ ଅଟୋରେ ମିଟର ଲାଗିଛି। ପ୍ରଥମ ଦେଢ଼ କିଲୋମିଟର ପାଇଁ ଅଟୋଭଡ଼ା ୨୩ଟଙ୍କା ଥିଲାବେଳେ ପରବର୍ତ୍ତୀ କିଲୋମିଟର ଗୁଡ଼ିକ ପାଇଁ ଭଡ଼ା ୧୬ଟଙ୍କା ରହିଛି। ଯେଉଁ ସ୍ଥାନରୁ ଚାହିଁବ ଜଣେ ଅଟୋରେ ବସି ଗନ୍ତବ୍ୟ ସ୍ଥାନକୁ ଯିବ ଓ ମିଟର ଅନୁସାରେ ଭଡ଼ା ଦେବ। କୌଣସି ଖାଲି ଅଟୋ ଯାତ୍ରୀଙ୍କୁ ନେବାକୁ ମନା କଲେ, ତେବେ ଏ ନେଇ ପୁଲିସ ନିକଟରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ମୁମ୍ବାଇରେ ରହିଛି। ଏଭଳିସ୍ଥଳେ ଜଣେ ବ୍ୟକ୍ତି ଯଦି କଟକର ଚାଉଳିଆଗଞ୍ଜ ଅଞ୍ଚଳରୁ ରେଳ ଷ୍ଟେସନକୁ ଯାଆନ୍ତି ତେବେ ତାଙ୍କୁ ମିଟର ଅନୁସାରେ ୨୩ ରୁ ୪୦ ଟଙ୍କା ଭଡ଼ା ଦେବାକୁ ପଡ଼ିବ। କିନ୍ତୁ ଚାଉଳିଆଗଞ୍ଜରୁ ରେଳ ଷ୍ଟେସନ ଯିବାକୁ ରିଜର୍ଭ ଅଟୋରେ ଶହେରୁ ଦେଢ଼ଶହ ଟଙ୍କା ଭଡ଼ା ଦେବାକୁ ପଡୁଛି। ଏଭଳି ଚିତ୍ରରୁ କଟକ ସହରରେ ଯାତ୍ରୀମାନେ କିଭଳି ଭାବେ ଶୋଷଣର ଶିକାର ହେଉଛନ୍ତି ତାହା ସ୍ପଷ୍ଟ ଅନୁମେୟ। ସୂଚନା ଥାଉକି କଟକ ସହରର ସବୁ ଅଟୋରେ ମିଟର ଲଗାଇବା ପାଇଁ ଟିଏମସି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ଡ୍ରାଇଭରଙ୍କର ଡ୍ରେସ କୋଡ଼, ଅଟୋ ଭିତରେ ରେଟ ଚାର୍ଟ, ଡ୍ରାଇଭର, ଗାଡ଼ି ନମ୍ବର, ମୋବାଇଲ ନମ୍ବର ସମ୍ପର୍କିତ ତଥ୍ୟ ଲଗାଇବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହିସବୁ ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉନାହିଁ। ଯାହାଦ୍ୱାରା କେତେକ ଘଟଣାରେ ଯାତ୍ରୀମାନେ ଅଟୋବାଲାଙ୍କ ଠାରୁ ଲୁଟପାଟର ଶିକାର ହେଉଛନ୍ତି। ପ୍ରାୟତଃ ଟିଏମସି ବୈଠକ ବସୁନାହିଁ। ବୈଠକ ବସୁ ନଥିବାରୁ ସହରବାସୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉନାହିଁ। ସାଧାରଣ ଯାତ୍ରୀ ଶୋଷଣର ଶିକାର ହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଅପରପକ୍ଷରେ ଅଟୋରେ ମିଟର ବାଧ୍ୟତାମୂଳକ କରାଯିବା ପ୍ରସଙ୍ଗକୁ ପ୍ରଶାସନ କଣ ପାଇଁ ଏଡ଼ାଇ ଆସୁଛି ତାହା କାହାକୁ ଜଣାନାହିଁ। କିନ୍ତୁ ଏହି ପ୍ରସଙ୍ଗରେ ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ସାଧାରଣ ସହରବାସୀ କେବଳ ଶୋଷଣର ଶିକାର ହେଉଛନ୍ତି।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,*
*ତୁଳସୀପୁର, କଟକ,*
*ଦୂରଭାଷ : ୯୪୩୭୪୫୦୧୧୪*

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ


ସମ୍ବିତ କୁମାର ସ୍ୱାଇଁ

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି - 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି - ''ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।'' ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ ଦେବୀ ମା' ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ମିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି। ବାପାଙ୍କ ଦୁଇ ଭଣଜା ସେଙ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା'ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ। ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

*ପ୍ଲଟ ନଂ-୭ଜିଏଚ/୧୩୫୩, ଡି-୧୮, ସେକ୍ଟର-୯, ସିଡିଏ ,*
*କଟକ, ଦୂରଭାଷ :*
*୯୦୪୦୬୬୧୬୩୦ /*
*୭୦୦୮୨୨୬୨୧୩*

# ରାମାୟଣର କିଛି ଅଧ୍ୟାୟର ଚରିତ୍ରମାନେ...


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ବଳରାମ ଦାସଙ୍କ ଦାଣ୍ଡି ରାମାୟଣରେ ବର୍ଣ୍ଣିତ ହୋଇଥିବା ସୀତାଙ୍କର ସ୍ୱୟମ୍ବର ପ୍ରସଙ୍ଗ ବାଲ୍ମୀକିଙ୍କ ରାମାୟଣର ଏକ ନିଛକ ପ୍ରତିଛବି ବୋଲି ମନେହୁଏ। ବାଲ୍ମୀକି ରାମାୟଣରେ ରାମ ଓ ସୀତାଙ୍କର ପୂର୍ବରାଗ ପ୍ରସଙ୍ଗ ନାହିଁ। ମହାନାଟକରେ ପୂର୍ବରାଗ ପ୍ରସଙ୍ଗ ଅଛି। ବଳରାମ ହୁଏତ ଏହି ପରମ୍ପରାରେ ଦାଣ୍ଡି ରାମାୟଣରେ ପୂର୍ବରାଗ ପ୍ରସଙ୍ଗ ଯୋଗ କରିଛନ୍ତି। କବି ବଳରାମ ଦାସ ପୂର୍ବରାଗ ଓ ଧନୁଭଙ୍ଗ ପ୍ରସଙ୍ଗ ତାଙ୍କ ରାମାୟଣରେ ବର୍ଣ୍ଣନା କଲାବେଳେ କବି ଜଗନ୍ନାଥ ଦାସ ତାହା ସଂକ୍ଷେପରେ ନିମ୍ନୋକ୍ତ ଭାବରେ ପ୍ରକାଶ କରିଛନ୍ତି - 'କଜ୍ୱଳ ବୋଲିଣ ସିନ୍ଦୂର, ରଞ୍ଜନ୍ତି ନେଇ ନାୟନର। ସିନ୍ଦୂର କପାଳେ ବୋଳନ୍ତି, ମଦନେ ଭୋଳ ସେହୁରତି।।'

ବିଶ୍ୱାମିତ୍ରଙ୍କ ସହ ରାମ ଲକ୍ଷ୍ମଣ ଯେତେବେଳେ ମିଥିଳାରେ ପ୍ରବେଶ କରିଛନ୍ତି ସେତେବେଳେ ରାମ ଲକ୍ଷ୍ମଣଙ୍କୁ ଦର୍ଶନ କରି ଜନକ ଚାରିକନ୍ୟା ଏପରି ବିହ୍ୱଳ ହୋଇଯାଇଥିଲେ ଯେ ସେମାନେ ନୟନରେ କଜଳ ପରିବର୍ତ୍ତେ ସିନ୍ଦୂର ପ୍ରଲେପ କରିଥିଲେ। ରାମ ଲକ୍ଷ୍ମଣ ପ୍ରତି ଏମାନଙ୍କ ମନୋଭାବ କବି ଜଗନ୍ନାଥ ଦାସ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି।

**ରାମ ଓ ପର୍ଶୁରାମ ଭେଟ :**

ରାମ ସୀତାଙ୍କୁ ବିବାହ କରିସାରିବା ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପଥରେ ପର୍ଶୁରାମ ସହ ଭେଟ ଓ ପର୍ଶୁରାମଙ୍କର କଳାହରଣ କରିବା ଫଳରେ ପର୍ଶୁରାମ ରାମଙ୍କୁ ବିଷ୍ଣୁ ରୂପରେ କଳ୍ପନା କରିବା ଜଗମୋହନ ରାମାୟଣ ଓ ମୂଳ ସଂସ୍କୃତ ରାମାୟଣରେ ବର୍ଣ୍ଣିତ ଅଛି। କବି ଜଗନ୍ନାଥ ଦାସ ତାଙ୍କ ଟୀକା ରାମାୟଣରେ ପର୍ଶୁରାମଙ୍କର ଦୁଇଟି ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି। ଦଶରଥ ଋଷ୍ୟଶୃଙ୍ଗଙ୍କୁ ଶାନ୍ତା ଦାନ କରିବା ସମୟରେ ଅଯୋଧ୍ୟାପୁର ଆନନ୍ଦ ମୁଖରିତ ହୋଇଥିବାବେଳେ ପର୍ଶୁରାମ ଆବିର୍ଭୂତ ହୋଇ ଅଯୋଧ୍ୟାର ଆନନ୍ଦର କାରଣ ଜିଜ୍ଞାସା କରିଛନ୍ତି ଓ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ ସମୟରେ ପର୍ଶୁରାମ ପ୍ରଥମ ପୁତ୍ରର ନାମ ଶ୍ରୀରାମ ଦେବା ପାଇଁ ଦଶରଥଙ୍କୁ ଉପଦେଶ ଦେଇଛନ୍ତି। ପର୍ଶୁରାମଙ୍କ ଦ୍ୱିତୀୟ ପ୍ରସଙ୍ଗଟି ଶ୍ରୀରାମଙ୍କ ମିଥିଳାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମୟରେ ବର୍ଣ୍ଣିତ ହୋଇଛି। ଏହି ପ୍ରସଙ୍ଗ ବର୍ଣ୍ଣନା କଲାବେଳେ କବି ବଳରାମ ଦାସ ଓ ବାଲ୍ମୀକିଙ୍କ ପଦ ଅନୁସରଣ କରିଛନ୍ତି।

**ମନ୍ଥରା ଓ କୈକେୟୀ ପ୍ରସଙ୍ଗ :**

ବାଲ୍ମୀକି ରାମାୟଣର ବର୍ଣ୍ଣିତ ମନ୍ଥରା କୈକେୟୀ ପ୍ରସଙ୍ଗର ଏକ ସମ୍ପ୍ରସାରଣ ରୂପ ବଳରାମ ଦାସଙ୍କ ଦାଣ୍ଡି ରାମାୟଣରେ ପରିଲକ୍ଷିତ ହୁଏ। କବି ବଳରାମ ଦାସ ମନ୍ଥରାକୁ ଏକ ଅବତାର ରୂପେ ବର୍ଣ୍ଣନା କରିଛନ୍ତି। ଦେବତା ମାନଙ୍କର ବାସନା ବା ଉଦ୍ଦେଶ୍ୟକୁ ଚରିତାର୍ଥ କରିବାରେ ମନ୍ଥରାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଲ୍ମୀକି ବର୍ଣ୍ଣିତ ଖଳ ଓ ଦୁର୍ବଳ ଚରିତ୍ର ଦୁଇଟି ସତେଯେପରି ଦୁଇଟି ମାନସିକ ଦ୍ୱନ୍ଦ୍ୱ। କୈକେୟୀ ଓ ମନ୍ଥରା ନିକଟରେ ଖଳ ଓ ଦଶରଥଙ୍କ ନିକଟରେ ନିକଟସ୍ଥ ଦୁର୍ବଳଙ୍କ ଅବସ୍ଥାନ ସମ୍ପୂର୍ଣ୍ଣ ଘଟଣାଟିକୁ ଭିନ୍ନ ରୂପ ଦେଇଛି। ଫଳରେ ରାଜ ସିଂହାସନରେ ଉପବିଷ୍ଟ ହେବା ପାଇଁ ଆୟୋଜନ ପରିବର୍ତ୍ତେ ରାମ ଲକ୍ଷ୍ମଣ ହୋଇଛନ୍ତି ବନଚାରୀ। କୈକେୟୀଙ୍କର ମନ ଭିତରେ ବହୁ ଦିନର ପଞ୍ଜିଭୂତ ଆଶାକୁ ସଫଳ ରୂପ ଦେବାରେ ମନ୍ଥରା ସାହାଯ୍ୟ କରିଛି। ସମ୍ପୂର୍ଣ୍ଣ ରାମାୟଣରେ କୈକେୟୀଙ୍କ ଚରିତ୍ର ପ୍ରତି ଏକ ସନ୍ଦୋତ୍ମକ ଭାବ ସୃଷ୍ଟି ହୋଇଥାଏ। ମାତ୍ର ଜଗନ୍ନାଥ ଦାସ କୈକେୟୀଙ୍କୁ ଏକ ମହାନ ଉଦାର ନାରୀ ଚରିତ୍ର ରୂପେ ବର୍ଣ୍ଣନା କରିଛନ୍ତି। ବନବାସ ଠାରୁ ଆରମ୍ଭ କରି ସୀତା ଚୋରି ଓ ରାବଣ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ବଳୀକୁ ନିଜେ ରାମଚନ୍ଦ୍ର ନିଜ କର୍ମର ଫଳ ବୋଲି କହି କୈକେୟୀଙ୍କ ଅନାବିଳ ସ୍ନେହ ମମତାଭରା ମାତୃ ହୃଦୟର ଏକ ଆଲେଖ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ମାତୃଜାତି ପ୍ରତି ଜଗନ୍ନାଥ ଦାସଙ୍କର ଏହା ଏକ ଉନ୍ନତ ଦୃଷ୍ଟିଭଙ୍ଗୀ ବୋଲି ତାଙ୍କ 'ଟୀକା ରାମାୟଣ'ରେ ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ।

**ଅହଲ୍ୟା ପ୍ରସଙ୍ଗ :**

ବାଲ୍ମୀକି ରାମାୟଣ ଅନୁସରଣରେ କବି ବଳରାମ ଦାସ ତାଙ୍କ ଦାଣ୍ଡି ରାମାୟଣରେ ଗୌତମଙ୍କ ପତ୍ନୀ ଅହଲ୍ୟା ପ୍ରସଙ୍ଗ ବର୍ଣ୍ଣନା କରିଥିଲାବେଳେ ଜଗନ୍ନାଥ ଦାସ ତାହା ଅତି ସଂକ୍ଷିପ୍ତ ଭାବରେ ତାଙ୍କ ରାମାୟଣରେ ବର୍ଣ୍ଣନା କରିଛନ୍ତି। ବିଶ୍ୱାମିତ୍ରଙ୍କ ସହିତ ମିଥିଳା ଅଭିମୁଖେ ଯାତ୍ରା କରୁଥିଲା ବେଳେ ଗୌତମ ଋଷିଙ୍କ ଆଶ୍ରମରେ ରାମଚନ୍ଦ୍ରଙ୍କ ଆବିର୍ଭାବ ସତେଯେପରି ଅହଲ୍ୟାଙ୍କର ପୂର୍ବନିର୍ଦ୍ଧାରିତ ମୁକ୍ତି ନିର୍ଘଣ୍ଟ। ତାଙ୍କରି ପଦରଜ ସ୍ପର୍ଶରେ ପାଷାଣ ହୋଇଛି ନାରୀ ମୂର୍ତ୍ତି ଏବଂ ରାମଚନ୍ଦ୍ରଙ୍କ ପାଦତଳେ ଲୁଚି ଯାଇଛି ଋଷି ଅଭିଶାପ। ହଜିଯାଇଛି ଭଗ୍ନ ହୃଦୟର ଅନେକ ବିଚିତ୍ରାନୁଭୂତି, ଭିଜିଯାଇଛି ଆକୁଳ କାରୁଣ୍ୟର ଆନନ୍ଦପୂର୍ଣ୍ଣ ଲୋତକଧାରା କବି ଜଗନ୍ନାଥ ଦାସ ତାଙ୍କ ଟୀକା ରାମାୟଣରେ ଏହି ପ୍ରସଙ୍ଗକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରୁଥିବା ସଙ୍ଗେ ସଙ୍ଗେ ଘଟଣାର ସଂକ୍ଷିପ୍ତତା ପାଠକ ମାନଙ୍କ ମନରେ ସ୍ୱତଃ ଜିଜ୍ଞାସା ସୃଷ୍ଟିକରେ।

**ରାମ ଭରତ ଭେଟ :**

ବାଲ୍ମୀକି ରାମାୟଣରେ ରାମଚନ୍ଦ୍ର ବନବାସ କଲାପରେ ବନରୁ ଅଯୋଧ୍ୟାକୁ ଫେରାଇ ଆଣିବା ପାଇଁ ପାତ୍ର ମନ୍ତ୍ରୀଙ୍କ ସହିତ ଭରତଙ୍କ ବନାନୁଗମନ ଏବଂ ରାମଚନ୍ଦ୍ରଙ୍କୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଲାଗି ଅନୁରୋଧ ବଳରାମ ଦାସଙ୍କ ଜଗମୋହନ ରାମାୟଣରେ ଭିନ୍ନ ରୂପରେ ବର୍ଣ୍ଣିତ। ବାଲ୍ମୀକି ରାମାୟଣରେ ଭରତ ରାମଚନ୍ଦ୍ରଙ୍କୁ ଫେରାଇବା ଲାଗି ବହୁ ଯୁକ୍ତି ଉପସ୍ଥାପିତ କରିଥିବାବେଳେ ବଳରାମ ଦାସ ତାଙ୍କ ରାମାୟଣରେ କିଛି ସଙ୍କୁଚିତ କରିଛନ୍ତି। କିନ୍ତୁ ଭରତଙ୍କୁ ଅଯୋଧ୍ୟା ଫେରିଯିବା ଲାଗି ଦେବତାମାନେ ନିର୍ଦ୍ଦେଶ ଦେବା କଥା ସଂଯୋଗ କରିଛନ୍ତି। ରାମଙ୍କୁ ଫେରାଇବା ପାଇଁ ଚେଷ୍ଟା କଲେ ଭରତ ବହୁତ ଶାପ ପାଇବେ ବୋଲି ସେମାନେ ଭୟ ମଧ୍ୟ ଦେଖାଇଛନ୍ତି। ଏ ପ୍ରସଙ୍ଗ ଯଦିଓ ମୂଳ ରାମାୟଣରେ ବର୍ଣ୍ଣିତ ନାହିଁ ବଳରାମ ଦାସ ସ୍ୱକୀୟ ଚିନ୍ତା ଓ ଚେତନା ମାଧ୍ୟମରେ ଏ ପ୍ରକାର ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି।

'ଟୀକା ରାମାୟଣ'ରେ କବି ଜଗନ୍ନାଥ ଦାସ ଏହି ପ୍ରସଙ୍ଗକୁ ଉପସ୍ଥାପିତ କରିଛନ୍ତି ଅନ୍ୟ ଏକ ଭିନ୍ନ ରୂପରେ ରାମଚନ୍ଦ୍ରଙ୍କର ବନଗମନ ପରେ ପୁତ୍ର ଶୋକରେ ବ୍ୟଥିତ ହୋଇ ମୃତ୍ୟୁବରଣ କରିଛନ୍ତି। ରାଜା ଦଶରଥ ମାତୁଳ ଗୃହରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଭରତ ଓ ଶତ୍ରୁଘ୍ନ। ଶୋକାକୁଳ ପରିବେଶ ମଧ୍ୟରେ ଭରତ ଜିଜ୍ଞାସା କରିଛନ୍ତି ଭାଇ ରାମଚନ୍ଦ୍ରଙ୍କର ବନଗମନ ଓ ପିତାଙ୍କର ମୃତ୍ୟୁର କାରଣ। ବଶିଷ୍ଠ ମୁଖରୁ ସମସ୍ତ ଘଟଣା ଶୁଣିଲା ପରେ ପିତାଙ୍କ ମୃତ ଶରୀର ସହ ପାତ୍ରମନ୍ତ୍ରୀ ସଙ୍ଗରେ ଧରି ଚାଲିଛନ୍ତି ବନାଭିମୁଖେ, ରାମଚନ୍ଦ୍ରଙ୍କ ନିକଟରେ ପିତାଙ୍କ ମୃତ ଶରୀରକୁ ସମର୍ପି ଦେଇ ସେ ଅନୁରୋଧ କରିଛନ୍ତି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପାଇଁ। ମାତ୍ର ସତ୍ୟନିଷ୍ଠ ରାମଚନ୍ଦ୍ର ଅଚଳ ଓ ସ୍ଥିର ଚିତ୍ତ ମଧ୍ୟରେ ଲଙ୍ଘିପାରି ନାହାନ୍ତି ସତ୍ୟ ବଚନ। ଜଗନ୍ନାଥ ଦାସଙ୍କ ଉକ୍ତିରେ ରାମଚନ୍ଦ୍ର ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରି ଅଯୋଧ୍ୟାର ରାଜସିଂହାସନରେ ରାଜା ରୂପେ ଅଭିଷିକ୍ତ ହେବା ପାଇଁ ଭରତଙ୍କୁ ଉପଦେଶ ଦେଇଛନ୍ତି। ମାତ୍ର ଭରତ ଏଥିରେ ସନ୍ତୁଷ୍ଟ ନ ହୋଇ ତପସ୍ୟା କରିବାରୁ ରାମଚନ୍ଦ୍ର ତାଙ୍କର ପାଦୁକା ଦୁଇଟି ଦେଇ ଅଯୋଧ୍ୟା ପରିପାଳନ କରିବା ପାଇଁ କହିଥିଲେ।

ଆଦି ରାମାୟଣ ବା ବାଲ୍ମୀକି ରାମାୟଣ ଠାରୁ ଜଗମୋହନ ରାମାୟଣ ପର୍ଯ୍ୟନ୍ତ ସମସ୍ତ ରାମାୟଣରେ ଏ ପ୍ରସଙ୍ଗ ବା ରାମ ଭରତ ଭେଟ ଭିନ୍ନ ଆକାରରେ ବର୍ଣ୍ଣିତ ହୋଇଥିଲା ବେଳେ କବି ଜଗନ୍ନାଥ ଦାସ ଏହାକୁ ସଂକ୍ଷିପ୍ତ ଆକାରରେ ବର୍ଣ୍ଣନା କରି ଦଶରଥଙ୍କ ମୃତ ଶରୀରକୁଂନକୁ ନେବା ପଛରେ ଏକ ବଳିଷ୍ଠ କାରଣ ଥିଲା ପରି ମନେହୁଏ। ଯଥା ଭରତ ରାମଚନ୍ଦ୍ରଙ୍କୁ ଅଯୋଧ୍ୟାର ରାଜା ହିସାବରେ ଗ୍ରହଣ କରି ନେଇଛନ୍ତି ତେଣୁ ତାଙ୍କ ଅନୁପସ୍ଥିତରେ ମୃତ ଦଶରଥଙ୍କର ଶବସତ୍କାର କରିବା ରାଜଧର୍ମର ବିରୋଧୀ ଏବଂ ମୃତ ପିତାଙ୍କର ସତ୍କାର ଲାଗି ଜ୍ୟେଷ୍ଠ ପୁତ୍ର ମୁଖାଗ୍ନି ପ୍ରଦାନ କରିଥାଏ। ଏ ପରମ୍ପରା ଆମ ସମାଜରେ ପ୍ରଚଳିତ। ଜ୍ୟେଷ୍ଠ ପୁତ୍ର ବନଗାମୀ ଥିବାରୁ ଭରତ ପିତାଙ୍କର ଶରୀର ରାମଚନ୍ଦ୍ରଙ୍କ ନିକଟକୁ ନେଇଯାଇଥିଲେ। ଜଗନ୍ନାଥ ଦାସ ଏପରି କେତେକ ଆଦର୍ଶ, ପରମ୍ପରା ଓ ମହାନ, ସଂସ୍କୃତିକୁ ତାଙ୍କ ରାମାୟଣରେ ଉପସ୍ଥାପିତ କରିଛନ୍ତି।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩



# ମୋ ଗାଁ

## ବିଧାୟିକା ଙ୍କ ପ୍ରତିଶୃତି ଯୋଗୁଁ ଷ୍ଟ୍ରାଇକ ହଟିଲା



ହିନ୍ଦୋଳ,(ପି.ଏନ) :ଢେଙ୍କାନାଳ ଜିଲ୍ଲା ହିନ୍‌ଦୋଳ ବ୍ଲକ ଗାଲପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାଡ଼ବନ୍ଧ ଠାରେ ଥିବା ରୁଙ୍ଗୁଟା କମାନୀ ରେ ବିସ୍ଥାପିତ ମାନଙ୍କର ଜାଗା ଯାଇଥିଲା !ସେମାନେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ !ଏଣୁ ସେମାନେ ପ୍ରଶାସନ ଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ପ୍ରଶାସନ କୌଣସି କଥା ବିସ୍ଥାପିତ ମାନଙ୍କର ବୁଝିଲେ ନାହିଁ !ଏଣୁ ବିସ୍ଥାପିତ ମାନେ ଆଜି ସକାଳୁ କମ୍ପାନୀ ଗେଟ ଆଗରେ ବସିଥିଲେ !ଏଣୁ ହିନ୍‌ଦୋଳ ବିଧାୟିକା ସୀମାରାଣୀ ନାୟକ ସେହି ବିସ୍ଥାପିତ ଙ୍କ ସହିତ ବସି ଥିଲେ !ବିଧାୟିକା କମ୍ପାନୀ ସହିତ ଚ୍ୟାଲେଞ୍ଜ କରିବାରୁ କମାନୀ ବାଧ୍ୟ ହୋଇ ଏକ ମାସ ଭିତରେ ବିସ୍ଥାପିତ ମାନଙ୍କ କଥା ବୁଝିବ ବୋଲି ପୂର୍ଣ୍ଣ ପ୍ରତିଶୃତି ଦେଇଛି !ଏଣୁ ବିଧାୟିକା ଙ୍କ ମହାନତା ଏଠାରେ ଜ୍ୱଳନ୍ତ ଉଦାହରଣ ହୋଇରହିଲା !ସେହି ବିସ୍ଥାପିତ ମାନେ ବିଧାୟିକା ଙ୍କ ପ୍ରତି ଖୁସି ହୋଇ ଷ୍ଟାଇକ ରୁ ଉଠିଥିଲେ !ଏଠାରେ ପ୍ରମାଣ ମିଳିଲା ହିନ୍‌ଦୋଳ ବିଧାୟିକା ସୀମାରାଣୀ ନାୟକ ଲୋକ ମାନଙ୍କ ସୁଖ ଓ୍ ଦୁଃଖ ର ସାଥି !ହିନ୍‌ଦୋଳ ରୁ ନିମାଇଁ ଚ୍ରଣ ସାମଲ ଙ୍କ ରିପୋର୍ଟ

## ଯାତ୍ରୀବାହୀ ବସ ଓଲଟିଲା, ୬୨ ଆହତ ୯ ଗୁରୁତର

କୋରେଇ, (ପି.ଏନ): କୋରାଇ ଥାନା ଅନ୍ତର୍ଗତ ଜହ୍ନା ନିକଟରେ ଭୁବନେଶ୍ୱରରୁ କରଞ୍ଜିଆ ଯାଉଥିବା 'ନାୟକ ନାମକ ଏକ ଯାତ୍ରୀବାହୀ ବସ ଯାହାର ନମ୍ବର(ଓଆର ୦୨-ବିଏସ-୦୦୪୫) ଅନ୍ୟ ଏକ ଗାଡ଼ିକୁ ବାମ ପଟେ ଓଭର ଟେକ କରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି । ବସରେ ଥିବା ଯାତ୍ରୀଙ୍କ କହିବାନୁସାରେ ବସର ଚାଳକ ପ୍ରବଳ ମାତ୍ରାରେ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏପରି ଦୁର୍ଘଟଣା ଘଟିଲା । ବସରେ ଥିବା ଷାଠିଏରୁ ଅଧିକ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଖବରପାଇ ଯାଜପୁର ଏଓଡ଼ିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ କୋରାଇ ପୁଲିସ ଓ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚିଛନ୍ତି । ସ୍ଥାନୀୟ ଲୋକେ ଓ ଯାଜପୁର ରୋଡ଼ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକସ୍ଥିତ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଅଛି ଏବଂ ଜଣେ ମହିଳାଙ୍କୁ ଯାଜପୁର ଟାଉନ ମେଡିକାଲ ପଠାଯାଇଛି ।ଅନ୍ୟପକ୍ଷରେ ବସରେ ଥିବା ଶିଶୁ କନ୍ୟା ଗୁରୁତର ଆହତ ହେବାରୁ ତାଙ୍କୁ କଟକ ସ୍ଥିତ ଶିଶୁ ଭୁବନକୁ ପଠାଇ ଦିଆଯାଇଛି । ଘଟଣା ସ୍ଥଳରେ କୋରେଇ ବିଧାୟକ ଅଶୋକ କୁମାର ବଳ, କଳିଙ୍ଗନଗର ଏଡିଏମ ସନ୍ତୋଷ କୁମାର ମିଶ୍ର ପହଂଚିଛନ୍ତି ।

## ଦ୍ୱିତୀୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ମନସା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ପାରାଦୀପ,(ପି.ଏନ): ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ମନସା ଚାରିଟେବୁଲ ଟ୍ରଷ୍ଟ' ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ବୁଧବାର ଦିନ ପାରାଦୀପ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଓ ପୌରାଧ୍ୟକ୍ଷ ବସ' ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ଏଚ.ଏସ. ରାଉତ, ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ. ସସ୍ମିତା ଶତପଥୀ ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଶିବିରକୁ ମନସା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ମୃତ୍ୟୁୟ ମିଶ୍ର ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ମାନେ ଏଥିରେ ସହଯୋଗ କରିଥିଲେ । କଟକ ରେଡକ୍ରସ ବ୍ଲଡ ବ୍ୟାଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରୁ ସର୍ବମୋଟ ୬୬ ୟୁନିଟ ବ୍ଲଡ ସଂଗୃହିତ ହୋଇଥିଲା । ଏହି ରକ୍ତଦାନରେ ସମସ୍ତ ରକ୍ତଦାତା ଓ ସହଯୋଗୀ ମାନଙ୍କୁ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମିଶ୍ର ଧନ୍ୟବାଦ ଜଣାଇଥିଲେ । ସୂଚନା ଥାଉକି, ଦୁଇ ବର୍ଷ ନିରବଚ୍ଛିନ୍ନ ଭାବେ ଟ୍ରଷ୍ଟ ପକ୍ଷରୁ ରାସ୍ତା କଡର ନିଃସହାୟ ମାନସିକ ବିକୃତ ବ୍ୟକ୍ତିଙ୍କୁ ଓ ଲେପ୍ରସି କଲୋନୀରେ ଖାଦ୍ୟ ବଂଟନ, ସାଇରାମ ବୃଦ୍ଧାଶ୍ରମରେ ମାସିକ ରାସନ ଯୋଗାଣ ସମେତ ବସ୍ତିର ପିଲା ମାନଙ୍କ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଇଛି । ତେବେ ଟ୍ରଷ୍ଟର ଏପରି ମହତ କାର୍ଯ୍ୟ ପାଇଁ ଏବଂ ଏହାର ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ୧୧ ଜଣିଆ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଗିରଫ

ଭୁବନେଶ୍ୱର,(ପି.ଏନ): ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି କମିଶନରେଟ ପୋଲିସ। ଚଡ଼ି ଗଞ୍ଜି ପିନ୍ଧି ଚୋରି କରୁଥିବା ଏହି ଗ୍ୟାଙ୍ଗର ୧୧ ଜଣଙ୍କୁ ଗିରଫ କରିଛି ସ୍ପେଶାଲ ସ୍କ୍ୱାଡ ଓ ଧଉଳି ଥାନା ପୋଲିସ । ଧଉଳି ଅଂଚଳରୁ ଧରା ହୋଇଛନ୍ତି ଏହି ଗ୍ୟାଙ୍ଗ । ସେମାନଙ୍କ ନିକଟରୁ କେତେକ ଘର ଭାଙ୍ଗିବା ପାଇଁ ବ୍ୟବହୃତ ଜିନିଷ ଜବତ ହୋଇଛି। ଜାମସେଦପୁର ଓ ଦିଲ୍ଲୀରୁ ଲୋକ ଆସି ଲୁଟ ସାମଗ୍ରୀ ନିଅନ୍ତି। ରାଜସ୍ଥାନ, ଛତିଶଗଡ଼ ଓ ଝାରଖଣ୍ଡରୁ ଆସି ଏମାନେ ଏମିତି ଲୁଟ କରନ୍ତି। ରାଜଧାନୀର ବିଭିନ୍ନ ଥାନାରେ ଏମାନଙ୍କ ନାଁରେ ଅନେକ ମାମଲା ରହିଥିବା ଜଣାଯାଇଛି ।ସୂଚନା ଅନୁଯାୟୀ, ଏମାନେ ଦୀର୍ଘ ଦିନ ଧରି ଚଡ଼ି ଗଞ୍ଜି ପିନ୍ଧି ରାତିରେ ଘରେ ପଶି ଲୁଟ କରୁଥିଲେ। ଗୋଟେ ରାତିରେ ଦୁଇରୁ ତିନୋଟି ଘରେ ଲୁଟ କରୁଥିଲେ। ଏମାନେ ଦିନ ବେଳେ ରେକି କରନ୍ତି ଓ ରାତିରେ ଲୁଟ କରନ୍ତି। ଅଟୋ କିମ୍ବା ଟ୍ରେନରେ ଯାତ୍ରା କରି ବିଭିନ୍ନ ସ୍ଥାନକୁ ଯାଆନ୍ତି ଓ ଘରେ ପଶି ଲୁଟ କରନ୍ତି। ଲୋକ ଶୋଇଥିବା ବେଳେ ଶୋଇବା ରୁମ ଆଗ ଲକ କରନ୍ତି, ତା ପରେ ଅନ୍ୟ ରୁମରେ ଲୁଟ କରନ୍ତି। ରାସ୍ତା କଡ଼ ଘର କିମ୍ବା ରେଳ ଲାଇନ କଡ଼ ଘରକୁ ଟାର୍ଗେଟ କରନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ଦୁଇ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,(ପି.ଏନ): କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବୀମା ରାଶିର ପରିମାଣ ଦୁଇ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ଏହି ଘୋଷଣା କରିଛନ୍ତି। ଏହା ଦ୍ୱାରା ରାଜ୍ୟର ୮୭୧୭ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାର ଉପକାର ପାଇବେ।ସୂଚନାଯୋଗ୍ୟ ଯେ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳୁଥିଲା। ବର୍ତ୍ତମାନ ଏହା ପାଂଚ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା ଦ୍ୱାରା ସାମ୍ବାଦିକ ଓ ତାଙ୍କ ପରିବାର ଉନ୍ନତ ଚିକିତ୍ସା ସେବା ପାଇ ପାରିବେ।

## ଭିଏଲଟିଡି ଓ ପାନିକ ବଟନ୍ସ ଡିଭାଇସ୍ ଲଗାଇବା ଅବଧି ୪ ମାସ ବଢିଲା

ଭୁବନେଶ୍ୱର,(ପି.ଏନ): ଗାଡିରେ ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ (ଭିଏଲଟିଡି) ଓ ପାନିକ ବଟନ୍ସ ଡିଭାଇସ୍ ଲଗାଇବା ଅବଧି ୪ ମାସ ବୃଦ୍ଧି କରାଯାଇଛି। ଭିତିଭୂମି ଅଭାବ ଦର୍ଶାଇ ଏଥିପାଇଁ ଅବଧି ବଢ଼ାଇଛି ପରିବହନ ବିଭାଗ। ଭିଏଲଟିଡି ଓ ପାନିକ ବଟନ୍ସ ଡିଭାଇସ୍ ଲଗାଇବା ଅବଧି ପୂର୍ବରୁ ଅଗଷ୍ଟ ୩୧ ରହିଥିଲା।

## ମୁଣ୍ଡ ବିହୀନ ମହିଳାଙ୍କ ଗଳିତ ଶବ ଉଦ୍ଧାର ଘଟଣା

ଭୁବନ, (ପି.ଏନ): ଭୁବନ ଥାନା ଅନ୍ତର୍ଗତ ଅନନ୍ତପୁର - ମହୁଲପାଳ ପୂର୍ତ୍ତ ବିଭାଗ ରାସ୍ତାର ବାଲିବୋ ବାଇପାସ ନିକଟସ୍ଥ ନାଳ ପାଖରୁ ଗତ ୧୫ ତାରିଖ ସନ୍ଧ୍ୟାରେ ଜନୈକ ମହିଳା ଙ୍କ ମୁଣ୍ଡ ବିହୀନ ଗଳିତ ଶବ ଉଦ୍ଧାର କରାଯାଇଥିଲା। ଭୁବନ ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରି ମୃତ ମହିଳା ଙ୍କ ସ୍ୱାମୀଙ୍କୁ ଗିରଫ କରିଛି । ଥାନା ସୂତ୍ରରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ଜାମୁପଶି ଗ୍ରାମର ବାବୁଲି ପ୍ରଧାନ ଙ୍କ ଝିଅ ଅନୁ ପ୍ରଧାନ ଭୁବନ ଥାନା ଅନ୍ତର୍ଗତ ଗରୁଡ଼ବନ୍ଧି ଗ୍ରାମରେ ବିବାହ କରିଥିଲେ। ସେହି ଗରୁଡ଼ବନ୍ଧି ଗ୍ରାମର ସନ୍ତୋଷ ନାୟକ ୨୫ ଆଜକୁ ୪ ବର୍ଷ ପୂର୍ବେ ବିବାହିତା ଅନୁଙ୍କୁ ଭଲପାଇ ତାଙ୍କ ଶାଶୁ ଘରୁ ନେଇଯାଇ ସୁକିନ୍ଦା ଥାନା ଅନ୍ତର୍ଗତ ବିରିଗୁଡ଼ା ଗ୍ରାମରେ ସ୍ୱାମୀ ସ୍ତ୍ରୀ ଭାବେ ରହୁଥିଲେ ଓ ଉମେଶ ବେହେରାଙ୍କ ବୋଲେରୋ ଗାଡ଼ି ଚଳାଇ ପେଟ ପୋଷୁଥିଲେ । ୪ ମାସ ପୂର୍ବେ ଝାଡ଼ଖଣ୍ଡ ଅଂଚଳର ଲିଲି ଓରଫ ଲଳିତାଙ୍କୁ ବିବାହ କରି ଘରକୁ ଆଣିବା ପରେ ପ୍ରଥମ ସ୍ତ୍ରୀ ଅନୁ ଏହାକୁ ବିରୋଧ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହେଉଥିଲା । ଗତ ୯ ତାରିଖ ରାତି ପ୍ରାୟ ୧୧ ଘଟିକା ସମୟରେ ସନ୍ତୋଷ ତାଙ୍କ ପ୍ରଥମ ସ୍ତ୍ରୀ ଅନୁ ନାୟକଙ୍କୁ ପିଟି ପିଟି ମାରିଦେଇଥିଲେ । ପରେ ନିଜେ ଚଳାଉଥିବା ବୋଲେରୋ ଗାଡିରେ ଶବକୁ ଆଣି ଅନନ୍ତପୁର - ମହୁଲପାଳ ପୂର୍ତ୍ତ ବିଭାଗ ରାସ୍ତାର ବାଲିବୋ ନାଳ କୂଳରେ ଫିଙ୍ଗି ଦେଇ ଚାଲି ଯାଇଥିଲେ । ଅତ୍ୟନ୍ତ ଚତୁରତା ସହ ସନ୍ତୋଷ ଗତ ୧୫ ତାରିଖ ଦିନ ସୁକିନ୍ଦା ଥାନାରେ ତାଙ୍କ ପତ୍ନୀ ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ । ସୁକିନ୍ଦା ପୋଲିସ ଏ ସଂପର୍କ ରେ ୨୯/୨୦୨୩ ରେ ନିଖୋଜ ମାମଲା ରୁଜୁ କରିଥିଲା । ଏତଲା ରେ ଦିଆଯାଇଥିବା ଫଟୋ ରେ ଯେଉଁ ଶାଢ଼ୀ ଥିଲା ବାଲିବୋ ନାଳ କୂଳରୁ ଉଦ୍ଧାର ହୋଇଥିବା ମୁଣ୍ଡ ବିହୀନ ମହିଳା ସେହି ଶାଢ଼ୀ ପିନ୍ଧିଥିଲେ । ଭୁବନ ଥାନା ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ ଏ ସମ୍ପର୍କରେ ତଦନ୍ତ ଆରମ୍ଭ କରି ଏତଲାକାରି ସନ୍ତୋଷ ନାୟକଙ୍କୁ ଗରୁଡ଼ବନ୍ଧି ଗ୍ରାମରୁ ଥାନାକୁ ଆଣି ପଚରା ଉଚରା କରିବାରୁ ସନ୍ତୋଷ ନିଜେ ହତ୍ୟା କରିଥିବା ସ୍ୱୀକାର କରିଥିଲା । ହତ୍ୟାକାଣ୍ଡ ପରେ ପ୍ରମାଣ ନଷ୍ଟ ପାଇଁ ଶବକୁ ନାଳ କୂଳରେ ପକାଇ ଦେଇ ସନ୍ତୋଷ ଗରୁଡ଼ବନ୍ଧୀ ଗ୍ରାମରେ ରହୁଥିଲେ ଓ ରାଜ୍ୟ ବାହାରକୁ ଚାଲିଯିବାକୁ ଯୋଜନା କରୁଥିବା ବେଳେ ଭୁବନ ପୋଲିସ ହାତରେ ଧରାପଡିଥିଲେ । ଏହି ହତ୍ୟାକାଣ୍ଡ ସ୍ପଷ୍ଟ ହେବା ପରେ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ସଂରକ୍ଷଣ ଗୃହରେ ଥିବା ମୃତ ମହିଳାଙ୍କ ଶବକୁ ଭୁବନ ଅଣାଯାଇ ମହିଳା ଙ୍କ ବାପା ବାବୁଲି ପ୍ରଧାନଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତ ମହିଳା ଙ୍କ ବାପା ସୁକିନ୍ଦା ଥାନାରେ ତାଙ୍କ ଝିଅ ହତ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ସୁକିନ୍ଦା ପୋଲିସ କେଶ୍ ନମ୍ବର ୧୬୮/ ୨୦୨୩ ଦଫା ୩୦୨,୨୦୧ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତ ସନ୍ତୋଷକୁ ଭୁବନ ପୋଲିସ ସୁକିନ୍ଦା ଥାନାକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ଓ୍ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତ୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍‌୫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ଓ୍ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଠକ୍ତଙ୍କକ୍ଟଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଳମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିକ୍କା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦ୍‌ଘାଟିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରଥିବା ବେଳେ ବର୍ଷାଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡ଼ିକ ବର୍ଷାଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଙ୍ଘିବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ।

## ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ଚାଞ୍ଚଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ଚାଞ୍ଚଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି । ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି। ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଢ କୁଢ ଆବର୍ଜନା ପଡିରହିଛି। ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି। ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ। ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ। ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି। ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି। ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର



ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି। ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।

## ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ। ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର। ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି। ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି। ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ। ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ। କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ। ଆମେ ଏହାର ଯାଞ୍ଚ କରିପାରିବୁ ନାହିଁ। ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥା'ନ୍ତା ତାହାହେଲେ ଆମେ ଚଢାଉ କରିଥାନ୍ତୁ। ଏହ ପୋଲିସର ଦାୟିତ୍ୱ। ପୋଲିସ ଏହି ଘଟଣାର ତଦନ୍ତ କରିପାରିବ। ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି। ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ। ଯାହା ସ୍ଥଳବିଶେଷରେ ସମ୍ଭବ ନୁହେଁ। ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି। ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି। କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ। ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା। କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ। କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ। ତଥାପି ଆମେ ଏ ନେଇ ଚିନ୍ତା କରୁଛୁ। ଖୁବ୍‌ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

## ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ



କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ। କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ। କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ। ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ରାଇମୋହନଙ୍କ ବିୟୋଗରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ଶୋକସଭା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ସିନେମା ଜଗତରେ ନବେରୁ ଅଧିକ ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରି ଆସିଥିବା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଜେବି ନଗର ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ, ନିତ୍ୟ ନୂତନ କଳା ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, କବି ନାରାୟଣ ଦାସ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, କବି ଜ୍ୟୋତିପ୍ରଭା ପଟ୍ଟନାୟକ, ଗତିକୃଷ୍ଣ ଜେନା, ସ୍ମୃତିରଂଜନ ସାହୁ, ଯଯାତି ନାୟକ, ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତଃ ରାଇମୋହନଙ୍କ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଥିଲା। ନିରୁତା ଓଡ଼ିଆଭାବ ତାଂକ ଅଭିନୟରେ ଭରିରହିଥିଲା। କେବଳ ଓଡ଼ିଆ ନୁହେଁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ରାଇମୋହନ ନିଖୁଣ ଖଳନାୟକର ଅଭିନୟ କରିଥିଲେ। ଯାତ୍ରାରେ ମଧ୍ୟ ସେ ପାରଦର୍ଶୀ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଉଥିଲେ। ସମସ୍ତଂକ ସହ ସହଜରେ ମିଶିପାରୁଥିବା ଏହି ଅଭିନେତାଙ୍କ ବିୟୋଗ ଓଡ଼ିଶାର କଳା, ସଂସ୍କୃତି ଜଗତ ପାଇଁ ବିପୁଳ କ୍ଷତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବର୍ଗିଦା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱ ଓ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଦିଲ୍ଲୀପ ହୋତାଙ୍କ ସଂଯୋଜନାରେ ରକ୍ତଦାନ ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ପାଲଟାସିଂହ, ନିମାଇଁ ମହାରଣା, ପୂର୍ଣ୍ଣ ସାମନ୍ତରାୟ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ହୋତା ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆଦିବାସୀ ପରିବାରକୁ ଜମି ଯୋଗାଇଦେବାକୁ ଦାବି

ଫୁଲନଖରା, (ପି.ଏନ): କଟକ ଜିଲା ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ସାଇଁଶୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୪୦/୫୦ ବର୍ଷ ଧରି ୧୦/୧୨ଟି ଆଦିବାସୀ ପରିବାର ଓ କୋକଲ ମୌଜା ୧୨ନମ୍ବର ୱାର୍ଡ଼ରେ ୧୫ ପରିବାର ବିଭିନ୍ନ ସମସ୍ୟା ମଧ୍ୟରେ ରହିଛନ୍ତି। ଏ ବିଷୟରେ ଅବଗତ ହୋଇ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ରମେଶ ଭାରତୀଙ୍କ ନେତୃତ୍ୱରେ ଓ ସଂଖ୍ୟାଲଘୁ ସେଲ ରାଜ୍ୟ ସଂଯୋଜକ ଲାଲ ଖାଁଙ୍କ ତତ୍ତ୍ୱାବଧାନରେ ଏକ ଟିମ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଥିଲା। ଆଦିବାସୀଙ୍କୁ ସରକାରୀ ଆବାସ ଯୋଜନା ପ୍ରଦାନ କରାଯାଇନାହିଁ କିମ୍ୱା ଶୌଚାଳୟ ମଧ୍ୟ ନାହିଁ। ସେମାନେ ରହୁଥିବା ଚାଳ ଛପର ଘର ଉପରେ ୧୧କେଭି ବିଦ୍ୟୁତ ତାର ଯାଇଥିବାରୁ ଆଦିବାସୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏହି ସମସ୍ୟାର ସମାଧାନ ତଥା ଆଦିବାସୀଙ୍କୁ ଜମି ଯୋଗାଇଦେଇ ଥଇଥାନ କରିବାକୁ ସଂଗଠନ ପକ୍ଷରୁ ତହସିଲଦାର, ବିଡ଼ିଓ ଏବଂ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜିକା ଶୁଭସ୍ମିତା ଆଚାର୍ଯ୍ୟ, ନିଆଳି ବ୍ଲକ ସଂଯୋଜକ ଅନ୍ତର୍ଯ୍ୟାମୀ ବେହେରା, କଣ୍ଟାପଡ଼ା ବ୍ଲକ ସଂଯୋଜକ ସମୀରରଂଜନ ମଲିକ ଏବଂ ବାରଙ୍ଗ ବ୍ଲକ ସଂଯୋଜକ ପବିତ୍ରମୋହନ ବେହେରା ଏବଂ ସହ ସଂଯୋଜକ ମହମ୍ମଦ ରିଆଜୁଆନ ପ୍ରମୁଖ ଉପସ୍ଥିତ ଥିଲେ।

# ପହିଲି ବର୍ଷାରେ ବଲାଙ୍ଗୀର ସହର ଜଳମଗ୍ନ : ବନ୍ୟା ଭଳି ପରିସ୍ଥିତି

ବଲାଙ୍ଗିର, (ପି.ଏନ): ରାଜ୍ୟର ସର୍ବ ପୁରାତନ ସହର ମଧ୍ୟରେ ବଲାଙ୍ଗୀର ଅନ୍ୟତମ। ଚେସ୍ ବୋର୍ଡ ର ସହର ଭାବରେ ବେଶ୍ ପରିଚିତ। କିନ୍ତୁ ଅସରାଏ ବଡ ବର୍ଷା ହେଲେ ସହରରେ ବହୁ ସ୍ଥାନରେ ଜଳମଗ୍ନ ହୋଇ ଯାଇଥାଏ। ଗତକାଲି ଘଡିଘଡି ସହ ଲଗାଣ ବର୍ଷା ଦିନ ରାତି ହେବା ଦ୍ୱାରା ଏକ କୃତ୍ରିମ ବନ୍ୟା ସହରର ବିଭିନ୍ନ ସ୍ଥାନରେ ଦେଖା ଯାଇଥିଲା। ବହୁ ସ୍ଥାନରେ ଲୋକେ ଜଳବନ୍ଦି ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ବହୁ ବର୍ଷ ପୂର୍ବରୁ ପୌରାଚଂଳରେ ଦୋକାନୀ ମାନେ ଓ କିଛି ଅସାଧୁ ବ୍ୟକ୍ତି ଜଳ ନିଷ୍କାସନ ହେବା ସ୍ଥାନ ମାନଙ୍କରେ ମାଡି ବସିଛନ୍ତି। ଯାହା ଦ୍ୱାରା କିଛି ସମୟ ବର୍ଷା ହେଲେ ଲୋକେ ହଇରାଣ ହେଉଛନ୍ତି। ସମୟ ସୀମା ମଧ୍ୟରେ କେତେକ ବିକାଶ କାମ ସମାପ୍ତ ନ ହେବା ଦ୍ୱାରା ଆଜି ପୌରପରିଷଦ ଏକ ପ୍ରକାର ଦଣ୍ଡ ଭୋଗୁଛି। ଯେମିତି ରୁଗୁଡିପଡା ଓ ସାଗରପଡାକୁ ସଂଯୋଗ କରୁଥିବା ପୋଲର ଉଦାହରଣ ନିଆଯାଇ ପାରେ। ପୋଲ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବା ବିଳମ୍ବ ହେବା ଯୋଗୁଁ ସେଠାକାର ପ୍ରାୟ ୨୦ ପରିବାରଙ୍କ ଘର ଭିତରରେ ପାଣି ଜମା ହୋଇଗଲା। ଯାହାଦ୍ୱାରା ବଲାଙ୍ଗୀର ପୌରପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ ରାତ୍ରି ୨ ଟା ୨୦ ମିନିଟ୍ ରେ ସେହି ସ୍ଥାନକୁ ଯାଇ ଜେସିବି ଓ ଅଗ୍ନିଶମ ବାହିନୀ ସହାୟତାରେ ଜଳ ନିଷ୍କାସନ କରିବା ସହ ରାତ୍ରି ଯାକ ଉଜାଗର ରହି ସହରର ବିଭିନ୍ନ ସ୍ଥାନକୁ ଯାଇ ଯୁଦ୍ଧକାଳିନ ଭିତରେ ଜଳବନ୍ଦି ଲୋକଙ୍କୁ ସହାୟତାର ହାତ ବଢାଇଥିଲେ। ଧାରା ଶ୍ରାବଣ ପୂର୍ବରୁ ଯଦି ସହରରେ ରହିଥିବା ବିଭିନ୍ନ ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ସମାପନ କରିଥାନ୍ତେ ତ ଏ ଦୁର୍ଦ୍ଦଶା ସହର ବାସିଙ୍କୁ ଭୋଗିବାକୁ ପଡିନଥାନ୍ତା। ଅଧକ୍ଷା ମହାଶୟା ମଧ୍ୟ ରାତି ଉଜାଗର ରହି ନ ଥାନ୍ତେ। ଅନ୍ୟପଟରେ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପ୍ରବେଶ ଦ୍ୱାରରେ ପୂର୍ବରୁ ଗଡି ଯାଉଥିବା ବର୍ଷା ପାଣି ଜାତୀୟ ରାଜପଥ ବିଭାଗ ଦ୍ୱାରା ରାସ୍ତା ପ୍ରଶସ୍ତ ଉଚ୍ଚ କରି ନିର୍ମାଣ କରିଥିଲେ ମଧ୍ୟ ଡ୍ରେନ ବ୍ୟବସ୍ଥା ନଥିବାରୁ ଗୋଟିଏ ହ୍ରଦ ଭଳି ସାମାନ୍ୟ ବର୍ଷାରେ ପାଣି ଜମା ହୋଇ ରହୁଥିବା ଯୋଗୁଁ ଯାନବାହନ ଓ ସାଧାରଣ ଚଳପ୍ରଚଳ ପାଇଁ ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ନିର୍ମାଣ ବେଳେ ଏହି ଗର୍ତ୍ତ ଭଳି ସ୍ଥାନକୁ ପିଚୁ ଚିପ୍ସ ଦେଇ ବନ୍ଦ କରିଥିଲେ ଅସୁବିଧା ହୋଇ ନ ଥାନ୍ତା।

# ଲଳିତ ଜୈନଙ୍କ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଜିଲ୍ଲାପାଳଙ୍କୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, (ପି.ଏନ): ଲଳିତ ଜୈନଙ୍କ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଂଟାବାଞ୍ଜି ପ୍ରମୋଦ ଜୈନଙ୍କ ପୁଅ ଲଳିତ ଜୈନ ବୟସ (୧୫) ୧୫/୦୭/୨୦୨୩ ରିଖ ଦିନ ସକାଳରୁ ନିଖୋଜ ଥିଲେ। ଦିନବେଳା ତିନି ଘଂଟା ସମୟରେ ନିଖୋଜ ହୋଇଥିବା ରେଳ ଧାରଣାରୁ ଲଳିତଙ୍କ ଶବକୁ କଂଟାବାଞ୍ଜି ରେଲୱେ ପୋଲିସ ଜବତ କରିଥିଲା। କିନ୍ତୁ ବହୁତ୍ ଦୁଃଖ ର କଥା କଂଟାବାଞ୍ଜି ରେଲୱେ ପୋଲିସ ଶବକୁ ବ୍ୟବଚ୍ଛେଦ ନ କରି ଏବଂ ୭୨ ଘଂଟା ଶବକୁ ରେଲୱେ ପୋଲିସ ରଖିବା କଥା, କିନ୍ତୁ କାହାକୁ ନ ଜଣାଇ ଗାତ ଖୋଳି ପୋତି ଦେଇଥିଲା। ଘଟଣାଟି ପ୍ରଘଟ ହେବା ପରେ ତା-୧୫/୦୭/୨୦୨୩ ରିଖ ଦିନ ଗାତରୁ ଶବକୁ ବାହାର କରି କଂଟାବାଞ୍ଜି ପୋଲିସ ଘର ଲୋକଙ୍କୁ ତରବରିଆ ଭାବରେ ଶବଦାହ କରିବାକୁ ଦେଇ ଦେଲେ। କଂଟାବାଞ୍ଜି ପୋଲିସ ମଧ୍ୟ ଶବ ବ୍ୟବଚ୍ଛେଦ କଲା ନାହିଁ କିମ୍ୱା ତଦନ୍ତ ବି କଲା ନାହିଁ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଆଲୋଚନା ହେଉଛି। ତାଙ୍କ ବାପା ମଧ୍ୟ ମୋର ପୁଅକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏଣୁ, ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଲଳିତ ଜୈନଙ୍କର ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଉଛି। ଜିଲ୍ଲାପାଳ ମହୋଦୟ ଦାବି ପତ୍ର ଗ୍ରହଣ କରି ତଦନ୍ତ ନିୟମ ଅନୁସାରେ କରିବାକୁ ପ୍ରତିଶୃତି ଦେଇଛନ୍ତି। ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଅଜୟ ନାଗ, ସନ୍ଦୀପ ବାଗ, ସୁରେନ୍ଦ୍ର ସେଠ, ସୁମିତ ମିଶ୍ର, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ ନମ୍ବର ଜାତୀୟ ରାଜପଥରେ ଅଘଟଣ : କୁଆଖିଆ ନିକଟରେ ଭୁଷୁଡିଲା ସେତୁ : ଗାଡି ଚଳାଚଳ ପ୍ରଭାବିତ

ଧର୍ମଶାଳା, (ପି.ଏନ): ଯାଜପୁର ଜିଲାରେ ଅଘଟଣ । ଭୁଷୁଡିଲା ୧୬ ନଂ ଜାତୀୟ ରାଜପଥ । ଜାତୀୟ ରାଜପଥରେ ଥିବା ସେତୁ ଆଜି ଭୁଷୁଡି ଯାଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ନିକଟରେ । ଆଜି ଭୋରରୁ ଏଭଳି ଘଟଣା ଘଟିବା ପରେ ଭୁବନେଶ୍ୱର-ବାଲେଶ୍ୱର ଜାତୀୟ ରାଜପଥରେ ଯାତାୟତ ଠପ୍ ହୋଇଛି । ରସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିବା ବେଳେ ଏଭଳି ଘଟଣାକୁ ଦେଖିବା ପାଇଁ ସ୍ଥାନୀୟ ଅଂଚଳର ଶହଶହ ଲୋକଙ୍କ ଭିଡ ଜମିଛି। ସୂଚନା ମୁତାବକ, ଯାଜପୁର ଜିଲା ଦେଇ ଯାଇଥିବା ୧୬ ନଂ ଜାତୀୟ ରାଜପଥ ରସୁଲପୁର ବ୍ଲକ କୁଆଖିଆ ନିକଟରେ ହଠାତ୍ ବ୍ରିଜ୍ ଦବି ଯାଇଥିଲା । ପ୍ରାୟ ୧୦ ଫୁଟ୍ ତଳକୁ ଦବି ଯାଇଥିବା ବେଳେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଗାଡି ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି । ତେବେ ଏହି ସମୟରେ କୌଣସି ଗାଡି ଚାଲୁ ନଥିବା ବେଳେ ଏକ ବଡ ଦୁର୍ଘଟଣା ଟଳି ଯାଇଛି । ଭୁବନେଶ୍ୱର-ବାଲେଶ୍ୱର ମଧ୍ୟରେ ଯାତାୟତ କରୁଥିବା ଗାଡି ଗୁଡିକ ବହୁ ସମୟ ଛିଡା ହେବା ଫଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅନ୍ୟ ମୁଖ୍ୟ ରାସ୍ତା ପଟେ ଗାଡିକୁ ଛାଡି ଥିବା ଜଣାପଡିଛି । ତେବେ ବ୍ରିଜ୍ ଟି କେଉଁ ପରିସ୍ଥିତିରେ କିଭଳି ଦବିଲା ଏବେ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ । ଲଗାଣ ବର୍ଷା କିମ୍ୱା ନିମ୍ନମାନର କାମ ପାଇଁ ବ୍ରିଜ୍ ଟି ଦବି ଯାଇଥିବା ଅନୁମାନ କରାଯାଉଛି । କୁଆଖିଆ ପୋଲିସ ଓ ଜାତୀୟ ରାଜପଥ ଅଧିକାରୀ ଘଟଣାସ୍ଥଳରେ ପଂହଚି ଘଟଣାର ଅନୁଧାନ କରୁଛନ୍ତି ।

# କନ୍ଧମାଳ ଜିଲ୍ଲା ବିଜେଡି ପକ୍ଷରୁ ଭାନୁପ୍ରଭାଙ୍କୁ ଶ୍ରଦ୍ଧାଞ୍ଜଳି

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆଜି ବିଜୁ ଜନତା ଦଳର ଫୁଲବାଣୀ ବିଜେଡ଼ି ପାର୍ଟି ଅଫିସ ଠାରେ ଘୁ. ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ସ୍ୱର୍ଗତ ଭାନୁପ୍ରଭା ମିଶ୍ରଙ୍କ ଅମର ଆତ୍ମାର ସଦଗତି ପାଇଁ ଓ ତାଙ୍କର ସ୍ମୃତି ଚାରଣ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣ, ରାଜ୍ୟ ସଂଖ୍ୟାଲଘୁ ସେଲର ସାଧାରଣ ସମ୍ପାଦକ ମହମ୍ମଦ ୟାସିନ ବେଗ, ମହିଳା ସଭାନେତ୍ରୀ ପୁନମ କହଁର, ଛାତ୍ର ସଭାପତି ସୁନୀଲ ସେଠୀ, ନଗର ସଭାପତି ବିମଳେନ୍ଦୁ ପାଢ଼ୀ ଏବଂ ସୁଧୀର କହଁର ପ୍ରମୁଖ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମକୁ ବିଜେଡିର ଜିଲ୍ଲା ସାଧାରଣ ସମ୍ପାଦକ କମଳ ବେହେରା, ଫୁଲବାଣୀ ମୁନିସିପାଲିଟି ଉପାଧକ୍ଷା ପାୟଲ ବେହେରା, ସମସ୍ତ ୱାର୍ଡମେମ୍ବର ମୃତ୍ୟୁଞ୍ଜୟ ପେରା, ମାଧବୀ ମିଶ୍ର, ଟୁକୁନ୍ଦର ସେଠି, ଯୁବ ଉପ ସଭାପତି ବିଷ୍ଣୁ ବେହେରା, ରବି ଷଡ଼ଙ୍ଗୀ, ଦାରୁଣ ବେହେରା ପ୍ରମୁଖ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ହରିଚନ୍ଦନପୁର, (ପି.ଏନ): ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ। ଏମିତି ଏକ ଜଘନ୍ୟ ଘଟଣାକୁ ନେଇ ହରିଚନ୍ଦନପୁର ଥାନା ଅଂଚଳରେ ହଇଚଇ ସୃଷ୍ଟି ହୋଇଛି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅର୍ନ୍ତଗତ ସିଂହବିଲା ମୂଷଳନଦୀ ନିକଟସ୍ଥ ବାଇପାସ୍ ରାସ୍ତାର ଏକ ପାର୍ଶ୍ୱରେ ଅଚିହ୍ନା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି ।ଖବର ଅନୁଯାୟୀ, ମଙ୍ଗଳବାର ସକାଳ ସମୟରେ ଚାଷ କାର୍ଯ୍ୟ ପାଇଁ ଗ୍ରାମବାସୀ ଯାଉଥିବା ବେଳେ ମୃତଦେହ ଦେଖିବାକୁ ପାଇଥିଲେ । ସେମାନେ ଘଟଣା ସମ୍ପର୍କରେ ହରିଚନ୍ଦନପୁର ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ସାଇଂଟିଫିକ୍ ଟିମ୍ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତ ଯୁବତୀଙ୍କ ପରିଚୟ ମିଳିନଥିବା ମୃତ ଯୁବତୀ ଜଣଙ୍କର ବେକରେ ଓଢ଼ଣୀ ଚିପା ହୋଇଥିବା ବେଳେ ଶରୀର କ୍ଷତ ବିକ୍ଷତ ଥିବା ସହ ଅର୍ଦ୍ଧ ଉଲଗ୍ନ ଅବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ଅନେକ ପ୍ରକାର ସନ୍ଦେହ ସୃଷ୍ଟି ହେଉଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଯେହେତୁ ଉକ୍ତ ରାସ୍ତାଟି ନରଣପୁର ଠାରୁ ବ୍ରାହ୍ମଣୀପାଳ ହୋଇଥିବାରୁ କେହି ଦୁର୍ବୃତ ଦୁଷ୍କର୍ମ ପରେ ହତ୍ୟା କରି ଏଠାରେ ପକାଇ ଚାଲିଯାଇଛନ୍ତି । ଯୁବତୀଙ୍କ ବୟସ ପ୍ରାୟ ୧୫ରୁ ୧୭ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି । ହରିଚନ୍ଦନପୁର ପୋଲିସ ଶବଟିକୁ ଉଦ୍ଧାର କରି ଥାନା କେସ ନମ୍ବର ୧୦୦/୨୩ ରେ ଧାରା ୩୦୨ ଓ ୨୦୧ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଘଟଣାସ୍ଥଳରେ ଘଟଗାଁ ଏସଡିପିଓ ଆଲୋକ ଜେନା, ହରିଚନ୍ଦନପୁର ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ବାର୍ଲ୍ଲା ଓ ସାଇଣ୍ଟିଫିକ୍ ଟିମର ତଦନ୍ତ ଜୋର୍ ଦାର ସହ ମୃତ ଯୁବତୀଙ୍କ ପରିଚୟ ମିଳିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିପାରିବ ବୋଲି ଆଲୋଚନା

## ପ୍ରାଚୀରେ ପାଣି ଛଡ଼ାଯାଉ

ଫୁଲନଖରା, (ପି.ଏନ): ସମ୍ପ୍ରତି କେନାଲରେ ପାଣି ଛଡ଼ା ଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏତଦ ସହିତ ଖରିଫ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହେବାର ଆଶା ଉଜ୍ଜିବୀତ ହୋଇଛି। ଇତି ମଧ୍ୟରେ ନିମାପଡ଼ା ଓ ଗୋପ କେନାଲରେ ପାଣି ଛଡ଼ାଯାଇଥିବାରୁ ରାମଚନ୍ଦ୍ରପୁର କାଜ ଦେଇ ପ୍ରାଚୀନଦୀକୁ ପାଣି ଛାଡ଼ିବାକୁ 'ପ୍ରାଚୀପ୍ରଜ୍ଞା ପରିଷଦ'ଜଳସମ୍ପଦ ବିଭାଗ ନିକଟରେ ଦାବି କରିଛି। ଗତ ବର୍ଷ ପ୍ରବଳ ରୌଦ୍ରତାପ ଯୋଗୁଁ ଗଡ଼ିଆ ପୋଖରୀ ଶୁଖିଲା ପଡ଼ିଥିଲାବେଳେ ପ୍ରାଚୀନଦୀ ମଧ୍ୟ ଶୁଷ୍କ ହୋଇଯାଇଥିଲା। ବାରମ୍ବାର ଦାବି ପରେ ରାମଚନ୍ଦ୍ରପୁର କାଜ ଦେଇ ପାଣି ଛଡ଼ାଗଲାପରେ ଗୃହପାଳିତ ପଶୁଙ୍କ ସମେତ ନଦୀ କୂଳର ପନିପରିବା ଚାଷ ବଞ୍ଚିଯାଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଏହି ନଦୀରେ ପାଣି ଛାଡ଼ିବାକୁ ଅଶ୍ୱିନୀ ମହାପାତ୍ର, ଉମାକାନ୍ତ କର, ସୁରେନ୍ଦ୍ର ମହାପାତ୍ର, ଇଂ.ସୁଶାନ୍ତକୁମାର ତ୍ରିପାଠୀ, ଅନୁପ ସାସମଲ, ଲଳିତକୁମାର ଦାଶ ଓ ଅନ୍ୟମାନେ ଜଳସମ୍ପଦ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଦିନରାତି ବର୍ଷା, ରାତି ଉଜାଗର ରହି ନଗରପାଳ ଲୋକଙ୍କ ସମସ୍ୟା ଦୂର ପାଇଁ ଚେଷ୍ଟିତ

ବଲାଙ୍ଗିର, (ପି.ଏନ): ବିଜୁଳି ସହ ଘଡିଘଡି ତା ସାଙ୍ଗକୁ ଲଗାଣ ଝଡବର୍ଷା। ଏହିପରି ଦିନ ରାତି ଝଡ ବର୍ଷା। ପରିସ୍ଥିତିରେ ସହରର ବିଭିନ୍ନ ସ୍ଥାନକୁ ରାତ୍ରି ଉଜାଗର ରହି ଲୋକଙ୍କ ସମସ୍ୟା ପାଇଁ ଘୁରି ବୁଲୁଛନ୍ତି ବଲାଙ୍ଗୀର ପୌରପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ। ବଲାଙ୍ଗୀର ସହର ଏକ ସର୍ବ ପୁରାତନ ସହର ମଧ୍ୟରେ ଅନ୍ୟତମ ଓ ଚେସ୍ ବୋର୍ଡ ପରି ସହର ଭାବରେ ପରିଚିତ। ଗତକାଲି ସହରରେ ଓ ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଦିନ ତମାମ ରହିଥିବା ବେଳେ ରାତିରେ ବିଜୁଳି ଓ ଘଡିଘଡି ସହ ନିର୍ଦ୍ଧୁମ ବର୍ଷା ହୋଇଛି। ପୌର ଅଧିନରେ ରହିଥିବା ବିଭିନ୍ନ ୱାର୍ଡ ମାନଙ୍କରେ ପାଣି ଜମା ହୋଇ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗୀର ରୁଗୁଡିପଡାରେ ଏକ ନାଳା ଉପରେ ପୋଲ ନୂତନ ଭାବରେ ନିର୍ମାଣ ହୋଇଛି। ସେହି ପୋଲ କାର୍ଯ୍ୟ ଏକ ପ୍ରକାର ସମାପ୍ତ ହେବାକୁ ରହିଥିଲେ ହେଁ ଜଳ ନିଷ୍କାସନ ହେବା କାର୍ଯ୍ୟ ସମାପନ ହୋଇ ନାହିଁ। ଯାହା କି ମିଡିଆ ମାଧ୍ୟମରେ ପୌର ଅଧକ୍ଷା ଲିକା ସାହୁଙ୍କୁ ଦୃଷ୍ଟି ଗୋଚର କରାଯାଇଥିଲା। ଶ୍ରୀମତି ସାହୁ ଗତକାଲି ଦିନ ତମାମ ଓ ରାତ୍ରି ଲୋକଙ୍କ ବିଭିନ୍ନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନକୁ ଯାଇ ସମାଧାନ କରୁଥିବା ସମୟରେ ହଠାତ୍ ରାତ୍ରି ୨ ଟା ୧୦ ମିନିଟ୍ ସମୟରେ ମୋବାଇଲ୍ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସହ ଯୋଗାଯୋଗ କରି ସେହି ନିର୍ମାଣ ହେଉଥିବା ପୋଲର ଆଖ ପାଖ ଘର ଗୁଡିକ ପାଣି ପସି ଯାଇଥିବା ଦେଖି ସଙ୍ଗେ ସଙ୍ଗେ ଜେସିବି ଗାଡି ଲଗାଇ ପାଣି ନିଷ୍କାସନ ବ୍ୟବସ୍ଥା କରାଇଥିଲେ। ସହରର ବହୁ ଗୁଡାଏ ପଡାକୁ ଯାଇ କେଉଁଠି ଜେସିବି ତ କେଉଁଠି ଅଗ୍ନିଶମ ବିଭାଗ ସହାୟତାରେ ଜଳବନ୍ଦିରେ ରହିଥିବା ପରିବାର ଲୋକଙ୍କୁ ସହାୟତା କରିଥିଲେ। ରାତ୍ରି ଯାକ ଲୋକଙ୍କ ପାଖରେ ଛିଡ଼ା ହୋଇ ସହଯୋଗର ହାତ ବଢାଇଥିବା ଯୋଗୁଁ ଆଜି ପୌର ଅଧିନରେ ରହିଥିବା ବିଭିନ୍ନ ୱାର୍ଡର ଲୋକେ ତାଙ୍କର କାର୍ଯ୍ୟ ପାଇଁ ତାଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ ମୁନ୍ସିପାଲିଟୀ ସହର ମଧ୍ୟରେ ଥିବା ଡ୍ରେନ ଗୁଡ଼ିକ ନୂତନ ନିର୍ମାଣ ସାଙ୍ଗକୁ ପୁରୁଣା ଡ୍ରେନ ସଫେଇ କାମ ହୋଇଥିଲା, ହେଲେ ଏହା ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ ହୋଇନଥିବା ବେଳେ ଅନେକ ସ୍ଥାନରେ ପଲିଥିନ ଅଳିଆ ଆବର୍ଜନା ଡ୍ରେନ ଭିତରେ ପଡ଼ିବା, ରାସ୍ତା କଡ଼ରେ ଡିସ୍ପୋଜେବଲ ବୋତଲ କଭର୍ ଇତ୍ୟାଦି ଲୋକେ ଫିଙ୍ଗା ଫିଙ୍ଗି କରୁଥିବାରୁ ଏସବୁ ଜଳ ସ୍ରୋତରେ ଯାଇ ନିଷ୍କାସନ ଅନେକ ସ୍ଥାନରେ ଅସୁବିଧା ସୃଷ୍ଟି ହେଉଛି। ବଲାଙ୍ଗିର ସହର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥିତ ଭାବରେ ବର୍ଦ୍ଧିତ ଜନ ବସତି ପାଇଁ ଦୂରଗାମୀ ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି।

# କଂଟାବାଞ୍ଜିକୁ ଜିଲ୍ଲା ମାନ୍ୟତା ଦାବିରେ ବାର ଘଂଟିଆ ବନ୍ଦ ପାଳନ

ବଲାଙ୍ଗିର, (ପି.ଏନ): କଂଟାବାଞ୍ଜିକୁ ଜିଲ୍ଲା ମାନ୍ୟତା ଦାବୀ ନେଇ ଆଜି ୧୨ ଘଂଟିଆ କଂଟାବାଞ୍ଜି ବନ୍ଦ ପାଳନ କରାଯାଇଛି । ଜିଲ୍ଲା ସଙ୍ଘର୍ଷ ସମିତିର ଆହ୍ୱାନ କ୍ରମେ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜିର ଏହି ବନ୍ଦରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି । ଏଠାରେ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଛି ।କଂଟାବାଞ୍ଜିରେ ପ୍ରବଳ ବର୍ଷା ହେଉଥିଲେ ମଧ୍ୟ ସ୍ଥାନୀୟ ଇନ୍ଦିରା ଛକ ନିକଟର ଜିଲ୍ଲା ସଙ୍ଘର୍ଷ ସମିତିର କର୍ମକର୍ତାମାନେ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆଜିର ଏହି ବନ୍ଦରେ ସହରର ୨୦ରୁ ଅଧିକ ସଂଗଠନ ସାମିଲ ହୋଇଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି । ବ୍ରଜଶ୍ୟାମ ଗୁରୁ (କାର୍ଯ୍ୟକାରୀ ସଭାପତି, ଜିଲ୍ଲା ସଙ୍ଘର୍ଷ ସମିତି), ଶେଷଦେବ ପଟେଲ (ସଭାପତି, ଜିଲ୍ଲା ସଙ୍ଘର୍ଷ ସମିତି), ବିଦେଶୀ ବେହେରା, ପ୍ରଦୀପ ବାଗ, ଦୁଃଖୀଶ୍ୟାମ ଗୁରୁ, ନରେନ୍ଦ୍ର ସୁନା ଓ ବିସର୍ବ ବେହେରା ପ୍ରମୁଖ ସ୍ଥାନୀୟ ଇନ୍ଦିରା ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସେଠାରେ ବସି ରହିଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Thursday July 20, 2023 ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଡି.ଏ.ଭି କଳିଙ୍ଗ ନଗରରେ ମେଧାବୀ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ପି.ଏନ) ଡି.ଏ.ଭି କଳିଙ୍ଗ ନଗର ପରିସରରେ ଶିକ୍ଷାବର୍ଷ ୨୦୨୨-୨୩ର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କୃତ କରାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକପ୍ରଫେସର ଯଶୋବ଼ନ୍ତ ଜେନା ଯୋଗ ଦେଇ ପରୀକ୍ଷାରେ ଶୀର୍ଷସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରି ଏହି ସଫଳତାକୁ ଜୀବନର ଏକ ଅଂଶଭାବେ ଗ୍ରହଣ କରି ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ । ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା,ଡି.ଏ.ଭି ଆଞ୍ଚଳିକ ଅନୁଷ୍ଠାନର ସହ ନିର୍ଦ୍ଦେଶିକା ତଥା ଡି.ଏ.ଭି ଚନ୍ଦ୍ରଶେଖରପୁରର ଅଧକ୍ଷା ଡ. ସୁଜାତା ସାହୁ, ବିଦ୍ୟାଳୟର ମ୍ୟାନେଜର ତଥା ଡି.ଏ.ଭି ୟୁନିଟ୍ -୮ର ଅଧକ୍ଷାଇପ୍ସିତା ଦାସ, ଓ ଏଲ୍ .ଆର୍ ଡି.ଏ.ଭି କଟକର ଅଧକ୍ଷ ନିରନ ସ୍ୱାଇଁ ଯୋଗ ଦେଇ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ତଥା ପ୍ରତ୍ୟେକ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ଏବଂ ରାଷ୍ଟ୍ରଗଠନ ଦିଗରେ ସକ୍ରିୟ ଭୂମିକା ନିର୍ବାହ କରିବା ପାଇଁ ଆହ୍ୱାନ ଦେଇଥିଲେ ।କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ବିପିନ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନପୂର୍ବକପରୀକ୍ଷାରେ ବିଦ୍ୟାଳୟରସଫଳତା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପର୍ଯ୍ୟବେକ୍ଷକପର୍ଯ୍ୟବେକ୍ଷିକା ତଥା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ସୂଚାରୁରୁପେ ସମ୍ପାଦିତ ହୋଇଥିଲା । ବିଦ୍ୟାଳୟର ଏହି ଉଦ୍ୟମକୁ ଅଭିଭାବକ ମହଲରେ ଉଚ୍ଚପ୍ରଶଂସା କରାଯାଇଥିଲା ।

## ସୁନ୍ଦରପସି ଗ୍ରାମର ରାସ୍ତା ସମସ୍ୟା ନେଇ ଉପ ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ

ତାଳଚେର,(ପି.ଏନ):ତାଳଚେର ବ୍ଲକ ସନ୍ଥପଡା ପଂଚାୟତ ରେ ବିଭିନ୍ନ ସମସ୍ୟା ଲାଗି ରହିଛି ।ସନ୍ଥପଡା ଛକ ଗ୍ରଫିକ ସମସ୍ୟା ହେଉ, ସନ୍ଥପଡା ରେ ଥିବା ବିଦ୍ୟାଳୟ ର ସମସ୍ୟା ହେଉ, ସନ୍ଥପଡା ପଂଚାୟତ ର ପାନୀୟ ଜଳ ସମସ୍ୟା ହେଉ ସବୁ ସମୟରେ ସରପଞ୍ଚ ସହଦେବ ସାହୁ ଉପ ଜିଲ୍ଲାପାଳ ଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଥାନ୍ତି ।ଆଜି ବୁଧବାର ସନ୍ଥପଡା ପଂଚାୟତ ର ସୁନ୍ଦରପସି ଗ୍ରାମର ରାସ୍ତା ବର୍ଷାରେ ସମ୍ପୂର୍ଣ ଶୋଚ଼ନୀୟ ହୋଇ ଯାଇଛି, ରାସ୍ତା ଗମନା ଗମନ ଯୋଗ୍ୟ ନୁହେଁ, ଆଣ୍ଠୁଏ ଖାଲ ଖମା, ପାଣି, କାଦୁଅ ରେ ଲୋକ ଚ଼ାଲି କରି ଯିବା ତଥା ସାଇକେଲ ମଟର ସାଇକେଲ ରେ ଯିବା ଆସିବା କରି ପାରୁ ନାହାନ୍ତି, ଲୋକଙ୍କ ଘରକୁ ରାସ୍ତାର ପାଣି ମଧ ପଶି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହା ପୂର୍ବରୁ ଏ ସମସ୍ୟା ସମ୍ପର୍କ ରେ ଜିଲ୍ଲାପାଳ ଙ୍କୁ ଲିଖିତ ଭାବେ ଅଭିଯୋଗ ପ୍ରକୋଷ୍ଟ ରେ ଦାବୀ ଉପସ୍ଥାପନା କରାଯାଇଥିଲା କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ଯାଇନାହିଁ ।ସରପଞ୍ଚ ସହଦେବ ସାହୁ ଗ୍ରାମବାସୀ ଙ୍କ ସହ ଆଜି ଉପ ଜିଲ୍ଲାପାଳ ଶ୍ରୀ ବିଶ୍ୱରଂଜନ ରଥ ଙ୍କୁ ଭେଟି ସୁନ୍ଦର ପଶି ଗ୍ରାମର ରାସ୍ତା ନିର୍ମାଣ କରିବା ପାଇଁ ଅନୁରୋଧ କରିଛନ୍ତି।

## ଜୀ-ସାର୍ଥକରେ ଜୁଲାଇ ୨୨ରୁ ଆରମ୍ଭ ହେଉଛି ସାରେଗାମାପା ଲିଟିଲ୍ ଚାମ୍ପସ ଆଜି ଛୋଟ କାଲି ଉସ୍ତାଦ



ଖୋର୍ଦ୍ଧା,(ପି.ଏନ): ଜୀସାର୍ଥକରେ ଆରମ୍ଭ ହେବାକୁ ଯାଉଛି ଓଡ଼ିଶାର ସବୁଠାରୁ ବଡ଼ ସିଙ୍ଗିଙ୍ଗ ରିୟାଲିଟି ସୋ ସାରେଗାମାପା ଲିଟିଲ ଚାମ୍ପସ ଆଜି ଛୋଟ କାଲି ଉସ୍ତାଦ। ଜୀସାର୍ଥକ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ଏହି ମେଗା ରିୟଲିଟି ସୋ ପୁଣି ଥରେ ଦର୍ଶକଙ୍କ ପାଖକୁ ଫେରୁଛି ଆସନ୍ତା ଜୁଲାଇ ୨୨ରୁ ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯.୩୦ରେ। ସୋର ଓ ସଙ୍ଗୀତକୁ ଭଲ ପାଉଥିବା ଏବଂ ଏଥିରେ କ୍ୟାରିୟର ଗଢିବାକୁ ଚାହୁଁଥିବା କୁନି କଳାକାରମାନଙ୍କ ପାଇଁ ଏହି ସୋ ଏକ ବଡ଼ ପ୍ଲାଟଫର୍ମ। ପ୍ରତିଭାର ଏହି ମଂଚରେ ବିଭିନ୍ନ ପ୍ରାନ୍ତରୁ ଆସୁଥିବା କଳାକାର ମାନଙ୍କୁ ସୁଯୋଗ ମିଳୁଛି। ପୂର୍ବରୁ ଏହି ସାରେଗାମାପା ସୋରର ମହାମଂଚ ମାଧ୍ୟମରେ ଅନେକ ଯୁବ କଣ୍ଠଶିଳ୍ପୀ ନିଜକୁ ପ୍ରମାଣିତ କରିସାରିଛନ୍ତି ଓଡ଼ିଶାର କିଛି ପ୍ରମୁଖ ସହରରେ ସାରେ ଗାମାପା ଲିଟିଲ୍ ଚାମ୍ପସ ପାଇଁ ଅଡ଼ିସନ୍ ସରିଛି। ଏଥର ଆଗ ଅପେକ୍ଷା ସମ୍ପୂର୍ଣ୍ଣ ନୂଆ ଓ ବଡ଼ ଧରଣର ମଂଚ ପ୍ରସ୍ତୁତ ହୋଇଛି ଓ ନୂଆ ରୂପେ ପାଇଛି ଜୀସାର୍ଥକର ଏହି ଲୋକ ପ୍ରିୟ ରିୟାଲିଟି ସୋ। ଏଥର ଲୋକ ପ୍ରିୟ ଗାୟକ ଓ ଗାୟିକା ଓ ସଂଗୀତ ନିର୍ଦ୍ଦେଶକ ଜୁରି ବା ବିଚାରକ ଆସନ ଅଳଙ୍କୃତ କରିବେ ଯେଉଁ ମାନଙ୍କ ମଧ୍ୟରେ ଅଛନ୍ତି ସାରା ଭାରତର ଲୋକ ପ୍ରିୟ ଗାୟକ କ୍ରିଷ୍ଣା ବେଉରା ତାଙ୍କ ସହ ଅଛନ୍ତି କଣ୍ଠ ଶିଳ୍ପୀ ଅସିମା ପଣ୍ଡା ଓ ଓଡ଼ିଆ ଦର୍ଶକଙ୍କ ହୃଦୟ ଜିତିଥିବା ଲୋକ ପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଗୁଡ଼ୁଲି ରଥ। ସାରେଗାମାପା ହେଉଛି ଓଡ଼ିଶା ଟିଭି ଦୁନିଆରେ ସବୁଠାରୁ ବଡ଼ ମିୟୁଜିକ୍ ରିୟାଲିଟି ସୋ। ଏହି ରିୟାଲିଟି ସୋରୁ ଅନେକ ନାମୀ କଣ୍ଠଶିଳ୍ପୀ ଏବେ ଓଡ଼ିଶା ସଙ୍ଗୀତ ଦୁନିଆରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ ଭଳି ନୂଆ ପିଢିର କଣ୍ଠ ଶିଳ୍ପୀମାନେ ଏହି ବଡ଼ ପ୍ଲାଟଫର୍ମରେ ନିଜକୁ ପ୍ରମାଣିତ କରିପାରିବେ। ଏହି ରିୟଲିଟି ସୋର ବିଜେତା ନିଶ୍ଚୟ ଭାବରେ ଓଡ଼ିଆ ମନୋରଂଜନ ଦୁନିଆରେ ବହୁ ସୁଯୋଗର ହକ୍‌ଦାର ହେବେ। ଏହି ରିୟଲିଟି ସୋର ପ୍ରମୁଖ ଆକର୍ଷଣ ସାଜିଥିବା ସଂଗୀତ ଜଗତର ତିନି ଲୋକ ପ୍ରିୟ କଳାକାର କ୍ରିଷ୍ଣା ବେଉରିଆ, ଅସିମା ପଣ୍ଡା ଓ ଗୁଡ଼ୁଲି ରଥଙ୍କ ପରି ବିଚାକମାନେ କୁନି ପ୍ରତିଯୋଗୀଙ୍କୁ ତାଙ୍କ ସଂଗୀତରେ ଦକ୍ଷତା ଅନୁଯାୟୀ ପରିଖିବେ। ତେଣୁ ଯୋଡ଼ି ହୋଇ ରୁହନ୍ତୁ ଜୀସାର୍ଥକ ସହ କହିଛନ୍ତି ଜୀସାର୍ଥକର ଚିଫ୍ କ୍ଲଷ୍ଟର ହେଡ଼ ସମ୍ରାଟ ଘୋଷ ଏବଂ ଚ୍ୟାନେଲ ହେଡ଼ ପ୍ରତିକ ସିଲ।

## ପାରାଦୀପରୁ ଇସଜେକ୍ କମ୍ପାନୀ କୋଟି କୋଟି ଟଙ୍କା ବକେୟା ପ୍ରାପ୍ୟ ନଦେଇ ଫେରାର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରରେ କେଆଇସିଟିପିପିଏଲ ଅଧିନରେ କାର୍ଯ୍ୟ କରୁଥିବା ଇସଜେକ୍ କମ୍ପାନୀ ସ୍ଥାନୀୟ ଠିକାଦାରଙ୍କର କୋଟି କୋଟି ଟଙ୍କାର ବକେୟା ପ୍ରାପ୍ୟ ନଦେଇ ଫେରାର ହୋଇଯାଇଥିବା ଖବର ମିଳିଛି । ଏହି ଠିକାଦାର ମାନେ ବିଭିନ୍ନ ମେସିନ୍, ଗୋଡି ଓ ବାଲି, ଶ୍ରମିକ ଇତ୍ୟାଦି ସମ୍ପୃକ୍ତ କମ୍ପାନୀରେ ଯୋଗାଇଥିବା ବେଳେ ଏବାବଦରେ କୋଟି କୋଟି ଟଙ୍କା ପ୍ରାପ୍ୟ ନଦେଇ କିପରି ପଳାଇଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ନିୟମ ଅନୁଯାୟୀ ଏପରି ଅବସ୍ଥାରେ ମୁଖ୍ୟ ଠିକା ସଂସ୍ଥା ବକେୟା ପ୍ରାପ୍ୟ ଦେବାର ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏବଂ ଠିକାଦାର ମାନେ କେଆଇସିଟିପିପିଏଲ ର ସାଧାରଣ ପରିଚାଳକ ଭବେଶ ପଟେଲଙ୍କୁ ବାରମ୍ବାର ଜଣାଇଥିଲେ ମଧ ସେ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ଶେଷରେ ବାଧ୍ୟ ହୋଇ ଏହି କମ୍ପାନୀରେ କାର୍ଯ୍ୟ କରି ବକେୟା ପ୍ରାପ୍ୟ ପାଇ ନଥିବା ଠିକାଦାର ମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ।

## ସ୍ୱାମୀ ଯଜ୍ଞେଶ୍ୱରା ନନ୍ଦ ମହାରାଜଙ୍କ ଜନ୍ମ ଦିବସ ପାଳିତ ଓ 'ସାଧୁ ଓ ସାଧନା' ପୁସ୍ତକର ଉନ୍ମୋଚନ

ଦର୍ପଣ, (ପିଏନ୍): ଠାକୁର ଶ୍ରୀଶ୍ରୀ ଉଦାସ ଯମୁନା ଦାସଙ୍କ ଶତବାର୍ଷିକ ଉପଲକ୍ଷେ ଉଦାସ ଆଶ୍ରମ ସୋଲର-ଛତିଆ ଠାରେ ଆରମ୍ଭ ହୋଇଥିବା ୫ଦିବସୀୟ ବିଶ୍ୱଶାନ୍ତି ବ୍ରହ୍ମଏକାକ୍ଷର ମହାଯଜ୍ଞ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଆଜି ଜନ୍ମଦିବସ ପାଳନ ସହିତ ଯଜ୍ଞର ଉଦ୍‌ଯାପିତ ହୋଇଯାଇଛି। ପ୍ରଭାତରୁ ପ୍ରାଭାତି ବନ୍ଦନା, ଠାକୁରଙ୍କ ପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଗରୁପୂଜା ଆଦି କାର୍ଯ୍ୟକ୍ରମ ଆଶ୍ରମ ଅନୁଗାମୀମାନଙ୍କ ଦ୍ୱାରା ମହାସମାରୋହରେ ପାଳିତ ହୋଇଯାଇଛି। ଲିଖିତ ଅନୁଭୂତି ମୂଳକ ପୁସ୍ତକ ସାଧୁ ଓ ସାଧନା ତୃତୀୟ ଭାଗ ଗରୁଦେବ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ, ବଡ଼ଚଣା ବିଡ଼ିଓ ରବୀନ୍ଦ୍ର ପ୍ରଧାନ, ପୂର୍ବତନ ଆୟକର କମିସନର ସୋଭନ କର, ଏସ୍‌ଡ଼ିପିଓଙ୍କ ହସ୍ତରେ ଉନ୍ମୋଚିତ ହୋଇଯାଇଛି। ଏଥିସହିତ ରୋଗୀମାନଙ୍କର ସେବା ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ରୋଗୀମାନଙ୍କୁ ମାଗଣା ଔଷଧ ବଂଟନ କରାଯାଇଛି। ଏହି ମହାଯଜ୍ଞର





ପୂର୍ଣ୍ଣାହୂତି ଉତ୍ସବରେ ପୂର୍ବତନ ସାଂସଦ କବି ପ୍ରଶନ୍ନ କୁମାର ପାଟସାହାଣୀ, ପୂର୍ବତନ ପ୍ରଶାସକ ସୁଧାଂଶୁ ଶେଖର ନାୟକ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣକୁମାର ପଣ୍ଡା, ପ୍ରଫେସର ଗୟାଧର ପଣ୍ଡା, ସମାଜସେବୀ ସୁଜାତା ବାରିକ ଓ ମାଧବ କୁମାର ପଲେଇ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଖଗେଶ୍ୱର ରଥ, ନୀଳମଣି ପଣ୍ଡାଙ୍କ ମନ୍ତ୍ରୋଚାରଣ ସହିତ ପୂର୍ଣ୍ଣାହୁତି ସମାହିତ ହୋଇଥିଲା। ପରିଶେଷରେ ଆଶ୍ରମ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ବଂଟନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ପ୍ରମୁଖ ସେବକ ଦିବ୍ୟଲୋଚନ ଦାସ ପରିଚାଳା କରିଥିଲେ। ଉତ୍ସବରେ ୧ହଜାରରୁ ଉର୍ଦ୍ଧ୍ୱସଂଖ୍ୟାରେ ପୁରୁଷ ଓ ମହିଳାମାନେ ଯୋଗଦେଇ ଉତ୍ସବକୁ ମୁଖରିତ କରିଥବଲେ।

# ନିର୍ମାଣ ଶ୍ରମିକ ବିଭିନ୍ନ ଦାବି ପୂରଣ ପାଇଁ ଶ୍ରମ କମିଶନର କାର୍ଯ୍ୟାଳୟ ଘେରାଉ



ଭୁବନେଶ୍ୱର, (ପି.ଏନ):୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ, ନିର୍ମାଣ ଶ୍ରମିକ ଫେଡ଼େରେସନ, ନିର୍ମାଣ ଶ୍ରମିକ ସମନ୍ୱୟ କମିଟି ଏବଂ ଆଂଚଳିକ ଶ୍ରମିକ ସଂଗଠନ ମାନଙ୍କୁ ନେଇ ଗଠିତ ରାଜ୍ୟ ନିର୍ମାଣ ଶ୍ରମିକ କ୍ରିୟାନୁଷ୍ଠାନ କମିଟି ତରଫରୁ ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ଦାବି ପୂରଣ ପାଇଁ ଆଜି ତା. ୧୯/୦୭/୨୦୨୩ ରିଖ ଦିନ ପୂର୍ବାହ୍ନ ୧୧ ଘଟିକା ଠାରୁ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦରେ ପଞ୍ଜିକୃତ ହେଉଥିବା ପ୍ରାୟ ୩୯ ଲକ୍ଷ ୨୫ ହଜାର ଶ୍ରମିକ ମାନଙ୍କ ପାଇଁ ରାଜ୍ୟରେ କଲ୍ୟାଣ ପରିଷଦ ଗଠନ ହୋଇଥିଲେ ମଧ ନିର୍ମାଣ ଶ୍ରମିକମାନେ ସେମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନା ଦ୍ୱାରା ଉପକୃତ ହେଉ ପାରୁନାହାନ୍ତି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିବାହ ସହାୟତା, ପିଲାମାନଙ୍କର ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଚିକିତ୍ସା ଆଦି ସହାୟତା ପାଇଁ ସ୍ୱଷ୍ଟ ନିୟମ ଥିଲେ ମଧ ଶ୍ରମ କାର୍ଯ୍ୟାଳୟ ଅଧିକାରୀମାନଙ୍କର ବେପରୁଆ ଖାମଖିଆଲି ଓ ଅସହଯୋଗ ମନବୃତି ପାଇଁ ଗରିବ ଶ୍ରମିକଟି ସହାୟତା ପାଇବାରୁ ବଂଚିତ ହେଉଅଛି। ପଞ୍ଜିକରଣ, ନବୀକରଣ ଓ ସହାୟତା ପାଇବା ଆବେଦନରେ ବାରମ୍ବାର ପରିବର୍ତନ ହେବାରୁ ବିଚରା ଗରୀବ ନିର୍ମାଣ ଶ୍ରମିକଟି ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛି। ବିଭିନ୍ନ ଶ୍ରମ କାର୍ଯ୍ୟାଳୟ ମାନଙ୍କରେ ଲୋକ ବଳର ଅଭାବ ଦର୍ଶାଇ ଅଧିକାରୀମାନେ ବର୍ଷ ବର୍ଷ ଧରି ପଞ୍ଜକରିଣ, ନବୀକରଣ ଓ ସହାୟତା ପ୍ରଦାନ ଆବେଦନ ପତ୍ରଗୁଡ଼ିକୁ ପକାଇ ରଖିଛନ୍ତି। ଏପରିକି ପଞ୍ଜିକରଣ ପାଇଁ ଆବେଦନ କରିଥିବା ଲୋକଟି ପଞ୍ଜିକରଣ ନ କରି ପାରି କେତେକ ମୃତ୍ୟୁବରଣ କଲେଣି। ମୃତ୍ୟୁକାଳୀନ ସହାୟତା ପାଇବା ପାଇଁ ଅନେକ ଜାଗାରେ ଉତରାଧିକାରୀମାନେ ଶ୍ରମ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେମାନଙ୍କର ମଧ ମୃତ୍ୟୁ ହୋଇଯାଇଛି। ତଥାପି ଏହାର ସମାଧାନ ପାଇଁ କେହି ଦାୟିତ୍ୱ ନେଉ ନାହାନ୍ତି । ନିର୍ମାଣ କଲ୍ୟାଣ ପରିଷଦ ମଧ ଶାସକ ଦଳର ପ୍ରତ୍ୟେକ୍ଷ ହସ୍ତକ୍ଷେପରୁ ବାଦ୍ ପଡୁନାହିଁ। ଯାହାଫଳରେ ପ୍ରକୃତ ନିର୍ମାଣ ଶ୍ରମିକ ତା' ହକ୍ ପାଇବାରୁ ବଂଚିତ ହେଉଛି। ଅନେକ ଜିଲ୍ଲାରେ ଅଧିକାରୀମାନେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅଧିକାରୀମାନେ ଶାସକ ଦଳର ନେତା ଓ ଦଲାଲ ମାନଙ୍କର ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଯାହାକୁ ଶ୍ରମ ସଂଗଠନମାନଙ୍କ ତରଫରୁ ଘୋର ବିରୋଧ କରାଯାଉଛି। ଅନେକ ସହାୟତା ପାଇବା ପାଇଁ ସମୟସୀମା ୧ ବର୍ଷ ରହିଛି। କିନ୍ତୁ ଦୁଃଖର ବିଷୟ ଜିଲ୍ଲା ଶ୍ରମ କାର୍ଯ୍ୟାଳୟମାନଙ୍କରେ ଜାଣିଶୁଣି ସହାୟତା ପ୍ରଦାନରେ ଟାଳଟୁଳ ନୀତି ଗ୍ରହଣ କରିବାରୁ ନିର୍ଦ୍ଦିଷ୍ଟ ସମୟ ଅବଧି ପାର ହୋଇଯାଉଛି। ଯେଉଁଥିରେ ନିର୍ମାଣ ଶ୍ରମିକ ତା'ର ସହାୟତା ପାଇବା ସମ୍ଭବ ହେଉନାହିଁ। ଏହାର ସୁଯୋଗ ନେଇ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଶ୍ରମିକମାନଙ୍କୁ ଆର୍ଥିକ ଶୋଷଣ କରୁଛନ୍ତି। ତତ୍‌ସହିତ ନିର୍ମାଣ ଶ୍ରମିକମାନଙ୍କର ଅନ୍ୟାନ୍ୟ ଦାବିକୁ ନେଇ ରାଜ୍ୟ ସ୍ତରୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ କର୍ତୃପକ୍ଷ ଏହାର ସମାଧାନ ନ କରିବାରୁ ଶ୍ରମିକ ସଂଗଠନ ମାନଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି ହୋଇ ଶେଷରେ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇ.ଏନ୍. ଟି.ୟୁ.ସିର ସାଧାରଣ ସମ୍ପାଦକ ତଥା ରାଜ୍ୟ ନିର୍ମାଣ ଶ୍ରମିକ କ୍ରିୟାନୁଷ୍ଠାନ କମିଟିର ଆବାହକ - କିଶୋର ଜେନା, ପ୍ରଣତି ମିଶ୍ର, ଏ.ଆଇ.ଟି.ୟୁ.ସିର ସାଧାରଣ ସମ୍ପାଦକ- ବିଜୟ ଜେନା, ସୁର ଜେନା, ସି.ଆଇ.ଟି.ୟୁ ସାଧାରଣ ସମ୍ପାଦକ- ବିଷ୍ଣୁ ମହାନ୍ତି, ସୁରେଶ କୁମାର ରାଉତରାୟ, ଏଚ୍.ଏମ୍.ଏସ୍.ର ରାଜେନ୍ଦ୍ର ଦାସ, ସଂଯୁକ୍ତା ମହଲ, ଏ.ଆଇ.ସି.ସି.ଟି.ୟୁର ସାଧାରଣ ସମ୍ପାଦକ - ମହେନ୍ଦ୍ର ପରିଡ଼ା, ମାନସ ଦାସ, ଏ.ଆଇ.ୟୁ.ଟି.ୟୁ.ସିର ରାଜ କିଶୋର ମଲ୍ଲିକ, ଏଲ.ପି.ଏଫ୍.ର ମନୋରଞ୍ଜନ ମହାରଣା, ନିର୍ମାଣ ଶ୍ରମିକ ସମନ୍ୱୟ କମିଟିର ମହାବୀର ମିଶ୍ର, ମଞ୍ଜୁ ମହାନ୍ତି, ନିର୍ମାଣ ଶ୍ରମିକ ଫେଡ଼େରେସନର ଭାଗିରଥି ସେନାପତି ପ୍ରମୁଖ ଏହି ଘେରାଉ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ଅପରାହ୍ନ ୨ ଘଟିକାରେ ଶ୍ରମ କମିଶନରଙ୍କ ତରଫରୁ ଆଲୋଚନା ପାଇଁ ଡାକରା ଆସିବା ପରେ ଏକ ୨୦ ଜଣିଆ ପ୍ରତିନିଧି ଦଳ ଶ୍ରମ କମିଶନରଙ୍କ ସହିତ ନିର୍ମାଣ ଶ୍ରମିକଙ୍କର ଦାବି ସଂପର୍କରେ ଆଲୋଚନା କରିଥିଲେ। ଶ୍ରମ କମିଶନର ଓ ବୋର୍ଡ଼ର ଅଧିକାରୀମାନେ ଉପସ୍ଥାପିତ କରାଯାଇଥିବା ଦାବିଗୁଡ଼ିକର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହାର କରାଯାଇଥିଲା। ନିର୍ମାଣ ଶ୍ରମିକ କଲ୍ୟାଣ କର୍ତୃପକ୍ଷ ତାଙ୍କର ପ୍ରତିଶ୍ରୁତି ପାଳନ କରି ଏ ସମସ୍ୟାର ସମାଧାନ କରିବେ ବୋଲି ଶ୍ରମିକ ସଂଗଠନ ନେତୃବୃନ୍ଦ ବିଶ୍ୱାସ ଆଶା କରୁଅଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray